

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୨ ଜୁନ୍ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ ସଂଖ୍ୟା-ଆଠ ■ Baleshwar ♦ SUNDAY 22 JUNE 2025

Vol.No. 36 ■ No.163 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

ଇସ୍ରାଏଲ-ଇରାନ ମଧ୍ୟରେ ଘମାଘୋଟ ଲଢ଼େଇ: ଦୁଇ ଦେଶର ଅହେତୁକ କ୍ଷତି

ନୂଆଦିଲ୍ଲୀ,୨୧/୬ : ଇସ୍ରାଏଲ ଓ ଇରାନ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଛି । ଦୁଇଦେଶ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି। ନବମ ଦିନରେ ଜାରି ରହିଛି ଇରାନ-ଇସ୍ରାଏଲ ଯୁଦ୍ଧ । ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରୁଛନ୍ତି । ଦୁଇ ଦେଶରେ ଅନେକ କ୍ଷତି ହୋଇସାରିଲାଣି । ଯୁଦ୍ଧରେ ଶହଶହ ଲୋକ ପ୍ରାଣ ହରାଇଛନ୍ତି । ଇରାନର କୋମ୍ ଏବଂ ଇସ୍ଫାହାନ୍ ସହର ଉପରେ ଇସ୍ରାଏଲ କ୍ଷେପଣାସ୍ତ୍ର ଆକ୍ରମଣ କରିଛି । ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୪ ଜଣ ଆହତ ହୋଇଛନ୍ତି । ଗତ ୬୦ ଘଣ୍ଟା ଧରି ଇରାନରେ ଇଣ୍ଟରନେଟ୍ ସେବା ପ୍ରାୟ ସମ୍ପୂର୍ଣ୍ଣ ବନ୍ଦ ହୋଇଛି । ଇଣ୍ଟରନେଟ୍ ମନିଟରିଂ ସଂଗଠନ ନେଟବ୍ଲକ୍ସ ଏହି ସୂଚନା ଦେଇଛି । ଡ୍ରୋନ୍ ଆକ୍ରମଣର ସତର୍କତା ଯୋଗୁଁ ଦକ୍ଷିଣ ଇସ୍ରାଏଲର ଆରାଭା ଅଞ୍ଚଳର ଅନେକ ଅଞ୍ଚଳରେ ସାଇରନ୍ ବାଜିଥିଲା । ପ୍ରାରମ୍ଭରେ ଜୁକିମ୍ ଅଞ୍ଚଳରେ ସାଇରନ୍ ବାଜିଥିଲା, ତା'ପରେ ଆଖପାଖର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ସତର୍କତା ଜାରି କରାଯାଇଥିଲା । ଏପଟେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖମେଇନୀ ଇସ୍ରାଏଲର ହତ୍ୟା ଧମକ ମଧ୍ୟରେ ସମ୍ଭାବ୍ୟ ଉତ୍ତରାଧିକାରୀ ମନୋନୀତ କରିଛନ୍ତି । ଇସ୍ରାଏଲରୁ ହତ୍ୟା ଧମକ ମଧ୍ୟରେ, ଖେମନେଇ ସମ୍ଭାବ୍ୟ ଉତ୍ତରାଧିକାରୀ ଭାବେ ତିନି ଜଣ ବରିଷ୍ଠ ଧର୍ମଗୁରୁଙ୍କୁ ମନୋନୀତ କରିଛନ୍ତି। ନ୍ୟୁୟର୍କ ଟାଇମ୍ସର ରିପୋର୍ଟ ଅନୁସାରେ, ଖେମନେଇଙ୍କ ପୁଅ ମୋଜତାବା ଖମେଇନୀ ଏହି ତାଲିକାରେ ନାହାନ୍ତି । ୮୬ ବର୍ଷୀୟ ଖେମନେଇ ଇସ୍ରାଏଲର ଆକ୍ରମଣରେ ନିଜ ଜୀବନ ପ୍ରତି ବିପଦ ଅନୁଭବ କରି ଏକ ବଙ୍କରରେ ଆଶ୍ରୟ ନେଇଥିବା ସୂଚନା ରହିଛି ।

ଯୋଗ ଦିବସରେ ଫିଟ୍ ରହିବାର ମନ୍ତ୍ର ଦେଲେ ପ୍ରଧାନମନ୍ତ୍ରୀ : ସାରା ବିଶ୍ୱକୁ ଯୋଡ଼ିଛି ଯୋଗ

ନୂଆଦିଲ୍ଲୀ,୨୧/୬ : ସୁସ୍ଥ ଜୀବନ ପାଇଁ ଦରକାର ଯୋଗ। କେବଳ ଶରୀର ନୁହେଁ, ମାନସିକ ଶାନ୍ତି ଓ ଏକାଗ୍ରତା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ସାରା ବିଶ୍ୱରେ ଯୋଗ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଆଜିର ଦିନକୁ ଅର୍ଥାତ୍ ଜୁନ୍ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଇଥାଏ। ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ । ସାରା ବିଶ୍ୱରେ ଯୋଗ ଦିବସ ପାଳିତ ହେଉଛି । ଅନ୍ତର୍ଜାତୀୟ ଯୋଗ ଦିବସକୁ ନେଇ ଦେଶରେ ଏକ ଲକ୍ଷରୁ ଅଧିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସକାଳ ସାଢ଼େ ୬ରୁ ୭ଟା ୪୫ ଯୋଗ ସଂଗମ ସମୟ ଥିବାରୁ ଏହି ସମୟରେ ସମସ୍ତେ ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଆନ୍ଧ୍ରପ୍ରଦେଶ ବିଶାଖାପାଟନା ଆରକେ ବିଚ୍‌ରେ ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ସଭାରୁ ସାରା ବିଶ୍ୱକୁ ଯୋଗ କରିବାକୁ ବାର୍ତ୍ତା ଦେଇଛନ୍ତି ମୋଦୀ । କହିଛନ୍ତି, ସାରା ବିଶ୍ୱକୁ ଯୋଡ଼ିବ ଯୋଗ। ସେହିପରି ଓଡ଼ିଶାରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସର ଯୋଗ କଲେ ପ୍ରତ୍ୟେକ ମଣିଷ ଭଲରେ ଶାରୀରିକ, ମାନସିକ, ଆଧ୍ୟାତ୍ମିକ , ବୌଦ୍ଧିକ ବିକାଶ ହୋଇପାରିବ, ତା ସହିତ ପୃଥିବୀରେ' ଗୋଟିଏ ଗଛ ମାଁ ପାଇଁ ' ଲଗାଇଲେ ଆମ ଦେଶ ଭାରତ ସୁନ୍ଦର, ନିରୋଗ, ସୁସ୍ଥ ଭାରତ ଗଠନ ହୋଇପାରିବ। ▶▶ପୃଷ୍ଠା ୭

ଗାଁକୁ ନେଇ ମୋହନ ସରକାରଙ୍କ ବଡ଼ ସ୍ୱପ୍ନ :୨୦୩୬ ପାଇଁ ମେଗା ପ୍ଲାନ୍

ଭୁବନେଶ୍ୱର, ୨୧/୬ (ନି.ପ୍ର): ପଛୁଆ ରାଜ୍ୟ ଓଡ଼ିଶାରୁ ବିକଶିତ ଓଡ଼ିଶା । ଦୀର୍ଘ ୧୦୦ ବର୍ଷର ଯାତ୍ରା ଭିତରେ ୨୦୩୬ରେ ଓଡ଼ିଶା କେଉଁଠି ଥିବା । ଦଶନ୍ଧି ଦଶନ୍ଧି ଧରି ଦାରିଦ୍ର୍ୟ, ଅନାଟନ, ଅପପୃଷ୍ଟିର ଅପବାଦର ବୋଝ ମୁଣ୍ଡାଇଥିବା ଓଡ଼ିଶାକୁ ଶିଖରରେ ପହଁଚାଇବା ପାଇଁ ୨୦୩୬ ଭିଜନର ନକ୍ସା ପ୍ରସ୍ତୁତ କରିଛନ୍ତି ଡବଲ ଇଞ୍ଜିନ ସରକାର । ଆଉ ଜନତା ମୈଦାନରେ ମୋଦୀ ଓ ମୋହନ ଆଙ୍କିଛନ୍ତି ବିକାଶର ରଙ୍ଗୀନ କାନଭାସ୍ । ୨୦୩୬, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନକୁ ୧୦୦ ବର୍ଷ । ସ୍ୱପ୍ନର ଓଡ଼ିଶାକୁ ଆପଣ କେମିତି ଦେଖିବାକୁ ଚାହାଁନ୍ତି, ଦେଶର ଶ୍ରେଷ୍ଠ ରାଜ୍ୟ ଭିତରେ କେଉଁଠି ଥିବ ▶▶ପୃଷ୍ଠା ୭

ତୃତୀୟ ଦିନରେ ବି ଜାରି ଆୟକର ଚଢ଼ାଉ : ସଞ୍ଜୟ ନନ୍ଦଙ୍କ ଟ୍ରାନ୍ସପୋର୍ଟ ଅଫିସରେ ରେଡ୍

ଭୁବନେଶ୍ୱର, ୨୧/୬ (ନି.ପ୍ର): ତୃତୀୟ ଦିନରେ ବି ଜାରି ରହିଛି ଚଢ଼ାଉ, ଘାଣ୍ଟୁଛି ଆୟକର ବିଭାଗ। ନବଦାସଙ୍କ ବ୍ୟବସାୟୀ ସହଯୋଗୀ ସଞ୍ଜୟ ନନ୍ଦଙ୍କ ଟ୍ରାନ୍ସପୋର୍ଟ ଅଫିସରେ ଚଢ଼ାଉ କରାଯାଇଛି । ଆଜି ତୃତୀୟ ଦିନରେ ବି ସୁନ୍ଦରଗଡ଼ରେ ଆୟକର ବିଭାଗର ଚଢ଼ାଉ ଜାରି ରହିଛି । ସମ୍ବଲପୁର, ଝାରସୁଗୁଡା, ଭୁବନେଶ୍ୱର ଓ ଦିଲ୍ଲୀରେ ଟିମ କରୁଛନ୍ତି ଚଢ଼ାଉ। ମିସନ ରୋଡ ସ୍ଥିତ ଟ୍ରାନ୍ସପୋର୍ଟ ଅଫିସ, ବାସଭବନ, ହସ୍ପିଟାଲ ଛକ ସ୍ଥିତ ଚାଲାଣ ଅଫିସ, ମସନୀକାନି ସ୍ଥିତ ଅଫିସରେ ଚଢ଼ାଉ ଜାରି ରଖିଛି ଆଇଟି । ▶▶ପୃଷ୍ଠା ୭

ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ନେଇ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର, ୨୧/୬ (ନି.ପ୍ର): ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ନେଇ ବର୍ଷିଲା କଂଗ୍ରେସ । ଗୋପାଳପୁର ଯାଇ ଗଣଦୁଷ୍କର୍ମ ପୀଡ଼ିତାଙ୍କୁ ଭେଟିବ ଏଆଇସିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ । ଗୋପାଳପୁର ଗଣଦୁଷ୍କର୍ମ ଘଟଣାର ସତ୍ୟତା ଜାଣିବା ପାଇଁ ଓଡିଶା ପହଞ୍ଚିଛି ଏଆଇସିସିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ । ୫ଜଣିଆ ମହିଳା ସଦସ୍ୟଙ୍କ ଟିମରେ ରହିଛନ୍ତି ୩ ଜଣ ସାଂସଦ । ଦୀପା ଦାଶମୁନ୍ସୀଙ୍କ ଅଧକ୍ଷତାରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ପ୍ରଥମେ ଗୋପାଳପୁର ଗସ୍ତ କରିଛନ୍ତି। ଗଞ୍ଜାମ ଏସପି ଓ ଜିଲ୍ଲାପାଳଙ୍କୁ ଭେଟି ଦୁଷ୍କର୍ମ ଘଟଣାର ତଥ୍ୟ ସଂଗ୍ରହ କରିବେ । ମେଡ଼ିକାଲ ରିପୋର୍ଟ ଯାଞ୍ଚ କରିବା ସହ କାଉନସିଲରଙ୍କୁ ବି ଭେଟିବେ । ସେହିପରି କେନ୍ଦୁଝରର ପୀଡିତାଙ୍କୁ ଭେଟିବା ସହ ଜିଲ୍ଲା ପ୍ରଶାସନ ସହ କରିବେ ଆଲୋଚନା । ରାଜ୍ୟରେ ମହିଳା ଅସୁରକ୍ଷିତ କଥା ଉଠାଇଛି ଏଆଇସିସିର ପ୍ରତିନିଧି ଦଳ । ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛି କଂଗ୍ରେସ । ମହିଳାମାନେ ଗଣ ଦୁଷ୍କର୍ମର ଶିକାର ହେଉଥିବା ବେଳେ ରାଜ୍ୟ ସରକାର କିଭଳି ଆଡୟର ସହ ଏକ ବର୍ଷ ପୂର୍ତ୍ତି ପାଳନ କରୁଛି ବୋଲି ପ୍ରଶ୍ନ କରିଛି କଂଗ୍ରେସ ।

ଧୀରେ ଧୀରେ କମୁଛି ନୂଆ ଆକ୍ରାନ୍ତଙ୍କ ସଂଖ୍ୟା: ତଥାପି ଆସିନି ସମ୍ପୂର୍ଣ୍ଣ ସୁଧାର

ଯାଜପୁର, ୨୧/୬ (ନି.ପ୍ର): ଯାଜପୁରରେ ହଇଜା ବ୍ୟାପିବାକୁ ଏହା ଭିତରେ ୧୦ ଦିନ ବିତିଲାଣି । ତଥାପି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ନୂଆ ନୂଆ ରୋଗୀ ହସ୍ପିଟାଲକୁ ଆସୁଛନ୍ତି । ପଡୋଶୀ ଜିଲ୍ଲାର ଅନ୍ୟ ଅଞ୍ଚଳକୁ ମଧ୍ୟ ବ୍ୟାପୁଛି । ଏକବିଂଶ ଶତାବ୍ଦିରେ ଏଭଳି ସ୍ଥିତିକୁ ନେଇ ସରକାର ଓ ବିରୋଧୀଙ୍କ ମଧ୍ୟରେ ଆରମ୍ଭ ହୋଇଛି ବୟାନବାଜି । ଯାଜପୁର ଜିଲ୍ଲାରେ ବ୍ୟାପିଥିବା ଝାଡାବାନ୍ତି ସ୍ଥିତିରେ ଧିରେ ଧିରେ ସୁଧାର ଆସୁଛି । ପୂର୍ବ ଅପେକ୍ଷା ହସ୍ପିଟାଲରେ ଝାଡାବାନ୍ତି ରୋଗୀ ସଂଖ୍ୟା କମିଛି । ହେଲେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିପାରିନି ଡାଇରିଆ । ଆଜି ଯାଜପୁରର ବିଭିନ୍ନ ହସ୍ପିଟାଲରେ ନୂଆ ରୋଗୀ ଭର୍ତ୍ତି ହୋଇଛନ୍ତି । ଅନ୍ୟପଟେ ପଶ୍ଚିମ ଓଡ଼ିଶାର ସମ୍ବଲପୁର ପରେ ବରଗଡ଼ରେ ବ୍ୟାପିଛି ଝାଡାବାନ୍ତି । ବରଗଡ଼ ଜିଲ୍ଲା ଅମ୍ଝାଭୋନା ବ୍ଲକ ଭାଲୁଡାଲ ଗାଁର ୨୨ ଜଣ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି । କଟକ ଜିଲ୍ଲାର ଟାଙ୍ଗି-ଚୌଦ୍ୱାର, ନରସିଂହପୁର, ବାଙ୍କି ପରେ ଏବେ ମାହାଙ୍ଗା ଅଂଚଳରେ ମାଡି ଚାଲିଛି । ମାହାଙ୍ଗା ବ୍ଲକର ବିଭିନ୍ନ ଗାଁରେ ଅମଉଦା ▶▶ପୃଷ୍ଠା ୭

ସୁବର୍ଣ୍ଣରେଖା ନଦୀର ପ୍ରଥମ ବନ୍ୟା: ପରିସ୍ଥିତି ଗମ୍ଭୀର

ପାଣି ସ୍ରୋତରେ ଭାସିଗଲେ ଯୁବକ, ଉଦ୍ଧାର କାର୍ଯ୍ୟ ଜାରି

ବନ୍ୟାଞ୍ଚଳ ସ୍ଥିତି ଅନୁଧ୍ୟାନ କଲେ ସାଂସଦ, ବସ୍ତା ବିଧାୟିକା ଏବଂ ଅଧିକାରୀ

ବାଲିଆପାଳ , ୨୧/୬ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ପ୍ରଥମ ବନ୍ୟା, ରାଜଘାଟଠାରେ ବିପଦ ସଂକେତ ଉପରେ ପ୍ରଭାବିତ ହେଉଛି ବନ୍ୟା ପାଣି। ଲଘୁଚାପ ଜନିତ ଲଗାଣ ବର୍ଷା। କାରଣରୁ ସୁବର୍ଣ୍ଣରେଖା ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଯୋଗୁଁ ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ଦେଖା ଦେଇଛି, ଉପର ମୁଣ୍ଡରେ ଗାଲୁଡ଼ିହି ଗେଟ୍‌ର ବ୍ୟାରେଜରୁ ବର୍ତମାନ ସମୟରେ ୨ଲକ୍ଷ ୪୩ହଜାର କ୍ୟୁଷେକ ଜଳ ଛଡା ଯାଇଥିବାରୁ ସୁବର୍ଣ୍ଣରେଖା ନଦୀର ରାଜଘାଟଠାରେ ଜଳସ୍ତର ବଢିବାକୁ ଲାଗିଛି । ଶୁକ୍ରବାର ସନ୍ଧ୍ୟାରେ ରାଜଘାଟ ଠାରେ ବିପଦ ସଂକେତ ୧୦. ୩୬ ମିଟର ଥିଲାବେଳେ ଶନିବାର ସକାଳେ ୫ ଟା ସମୟରେ ବୃଦ୍ଧି ପାଇଁ ୧୧. ୭୦ ମିଟରରେ ପ୍ରବାହିତ ହେଉଥିଲା ବେଳେ ସନ୍ଧ୍ୟା ୬ ଟା ସୁଦ୍ଧା ଜଳସ୍ତର ହ୍ରାସ ପାଇଁ ୧୦.୬୭ ରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ନଦୀର ବନ୍ୟା ଆସିବା ଫଳରେ ବାଲିଆପାଳ ବ୍ଲକର ବାଲିଆପାଳ, ମଧୁପୁର, ଅଷ୍ଟି, ବିଷ୍ଣୁପୁର, ଜାମକୁଣ୍ଡା ଆଦି ୫ଟି ପଂଚାୟତର ୨୦ରୁ ଅଧିକ ଗାଁ ବର୍ତମାନ ସମୟରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ▶▶ପୃଷ୍ଠା ୭

ହେଲଦି ଲାଇଫ ଦ୍ୱାରା ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବାଲେଶ୍ୱର, ୨୧/୬ (ନି.ପ୍ର): ହେଲଦି ଲାଇଫ ଚିଡିଆପୋଲ , ବିବେକାନନ୍ଦ ମାର୍ଗ ଗୋପାଳଗାଁ ଆୟୁଷମାନ ଭବନଠାରେ ବିଶ୍ୱସ୍ତରୀୟ ଯୋଗ ଦିବସ ୨୧ ଜୁନ ୨୦୨୫ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ' ନାରାରେ ସମସ୍ତ ବିଶ୍ୱ ବାସୀଙ୍କ ପାଇଁ ଏକ ଆହ୍ୱାନ। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ, ମୋରାରଜୀ ଦେଶାଇ ନେସନାଲ ଇନଷ୍ଟିଚ୍ୟୁଟ ଅଫ୍ ଯୋଗ ସଂସ୍ଥା ଦ୍ୱାରା ପରିଚାଳନା କରିଥିଲେ। (ଜ୍ଞାନ ଆର୍ଥ, ଜ୍ଞାନ ଲାଇଫ) ଅନ୍ତର୍ଜାତୀୟ ଯୋଗ ଦିବସ ଓ ହରିତ ଯୋଗା (ଏକ ପେଡ ମାଁ କେ ନାମ) ପାଳିତ ହୋଇଯାଇଛି। ଏଥିରେ ହେଲଦି ଲାଇଫର ପୋଷ୍ୟ ଗ୍ରାମ ରେମୁଣା ବେଗମପୁର ପଡ଼ିଆରେ ୧୦୦୦ ଗଛ ଲଗାଇବା ସହିତ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ବସ୍ତା ବିଧାୟିକା ସୁବାସିନି ଜେନା, ଡିଆଇଜି ପୋଲିସ ଡ. ସତ୍ୟଜିତ ନାୟକ, ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, 'ଧ୍ୱନି ପ୍ରତିଧ୍ୱନି' ମୁଖ୍ୟ ସୃଷ୍ଟିଧର ପରିଡା କବି ପ୍ରଶାନ୍ତ ଦାସ, ସମାଜ ସେବୀ ଅଞ୍ଜଳି ପଣ୍ଡା, ପାଇଲଟ୍ ଶ୍ରୀ ଅଙ୍କିତ କୋଟେଚା ଏୟାର ଇଣ୍ଡିଆ ଏକ୍ସପ୍ରେସ ଯୋଗ ଦେଇ କହିଲେ, ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ, କେବଳ ସମସ୍ତେ ▶▶ପୃଷ୍ଠା ୭

ମନଉଣା କଲେ ଡୋନାଲ୍ଡ ଟ୍ରମ୍ପ : କହିଲେ ଯେତେ ଚେଷ୍ଟା କଲେ ମଧ୍ୟ ମିଳିବନି ଶାନ୍ତି ପୁରସ୍କାର

ନୂଆଦିଲ୍ଲୀ,୨୧/୬ : ଆଉ ଏକ ପ୍ରସଙ୍ଗରେ ଚର୍ଚ୍ଚାରେ ଆମେରିକା ରାଷ୍ଟ୍ରପତି । ଏଥରକ କୌଣସି କୂଟନୀତି ଆଲୋଚନା କିମ୍ବା ନିଷ୍ପତ୍ତି ପାଇଁ ନୁହେଁ, ନୋବେଲ ପୁରସ୍କାରକୁ ନେଇ ଖବରରେ ଟ୍ରମ୍ପ। ନୋବେଲ ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାଁ ପାକିସ୍ତାନ ଫିଲ୍ଡ ମାର୍ଶଲ ଅସୀମ ମୁନିର ପ୍ରସ୍ତାବ ଦେଇଛନ୍ତି। ଏହାପରେ ଆମେରିକା ରାଷ୍ଟ୍ରପତି କହିଛନ୍ତି, ଯାହା କଲେ ବି ତାଙ୍କୁ କେବେ ନୋବେଲ ପୁରସ୍କାର ମିଳିବନି । ମୁଁ ଯାହା କଲେ ବି ମୋତେ ନୋବେଲ ଶାନ୍ତି ପୁରସ୍କାର ମିଳିବନି । ମୁଁ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରାମ କରିଛି । ରଷ-ୟୁକ୍ରେନ ଯୁଦ୍ଧକୁ ଆୟତ୍ତରେ ରଖିପାରିଛି । ରାଷ୍ଟ୍ରମାନଙ୍କ ମଧ୍ୟରେ ଶାନ୍ତି ବଜାୟ ପାଇଁ ପ୍ରୟାସ କରୁଛି । ତଥାପି ମୋତେ ନୋବେଲ ମିଳିବନି । ଜନତା ମୋ କାମ ବିଷୟରେ ଜାଣିଛନ୍ତି । ଏହା ମୋ ପାଇଁ ଯଥେଷ୍ଟ । ▶▶ପୃଷ୍ଠା ୭

ଅଷ୍ଟମ ଦିବସରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ବିକାଶ ମେଳାରେ ଐତିହ୍ୟ ଓ ସଂସ୍କୃତିର ଅବିସ୍ମରଣୀୟ ସମ୍ଭାର

ଖୋର୍ଦ୍ଧା, ୨୧/୬ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ହାବେଳୀ ପଡ଼ିଆରେ ଗତ ୧୨ ତାରିଖରୁ ଚାଲିରହିଥିବା ବର୍ଷ ଏକ ଉପଲବ୍ଧି ଅନେକର ନୂତନ ସରକାରଙ୍କ ବିଭିନ୍ନ ଅଗ୍ରଣୀ ଯୋଜନା ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନାର ସଫଳ ଫାଇଦା ଦେବା ଉଦ୍ଦେଶ୍ୟକୁ ଲୋକାଭିମୁଖୀ କରିବା ଏବଂ ପ୍ରକୃତ ହିତାଧିକାରୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସମାଜର, ରାଜ୍ୟର ଓ ରାଷ୍ଟ୍ରର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରି ବିକଶିତ ଓଡ଼ିଶା ଅ୨୦୪୭ ଓ ବିକଶିତ ଭାରତ ଅ୨୦୪୭ କୁ ସାକାର କରିବା ଲକ୍ଷ୍ୟରେ ଦୃତ ବିକାଶ ଜାରି ରହିଛି । ଆଜି ବିକାଶ ମେଳାର ଅଷ୍ଟମ ଦିବସରେ ଐତିହ୍ୟ ଓ ପରମ୍ପରା ଏବଂ ସଂସ୍କୃତିର ଆଧାର, ନାରୀ ସମ୍ମାନ ଓ ସଶକ୍ତି କରଣ କାର୍ଯ୍ୟକ୍ରମକୁ ସାକାର କରିବା, ନାରୀ ମାନଙ୍କ ପ୍ରତିବଦ୍ଧତା, ଶିକ୍ଷା, ନିଯୁକ୍ତି ଆତ୍ମ ନିର୍ଭରଶୀଳ ତା ର ନିଚ୍ଛକ ଓଡ଼ିଆ ଚଳଚ୍ଚିତ୍ର ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା । ସେହିପରି ଓଡ଼ିଶାର ସର୍ବ ପୁରାତନ ପାରମ୍ପାରିକ ଲୋକ କଳା ପାଲା ସଂସ୍କୃତିକୁ ବଞ୍ଚାଇବା ପାଇଁ ବାଣୀଶ୍ରୀ କଳା ନିକେତନ, ବୋଲଗଡ଼ , ଖଗେଶ୍ୱର ମାର୍ଥା ଓ ସାଥିଙ୍କ ନିଶା ନିବାରଣ,ମିଶନ ଶକ୍ତି, ସୁଭଦ୍ରା ଶକ୍ତି , ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା,ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆଦି ସମ୍ବନ୍ଧରେ ପାଲା ମାଧ୍ୟମରେ ଶିକ୍ଷଣୀୟ ତଥ୍ୟ, ସୂଚନା ପ୍ରଦାନ କରିବା ସହ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ପରେ ପୁରାତନ ଓ ନୂତନ ସଭ୍ୟତାର ସାଂସ୍କୃତିକ ମିଳନ ଓ ସାମାଜିକ ସଂସ୍କାର ଧର୍ମୀ ଶ୍ରୀ ଜଗଦୀଶ ମହାପାତ୍ରଙ୍କ କାଳଜୟୀ ରଚନା ସାମାଜିକ ନାଟକ , ଅଗ୍ରଣୀ ନାଟ୍ୟାନୁଷ୍ଠାନ ବିଦ୍ୟାକନକ, ଭୁବନେଶ୍ୱରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ସେହିପରି ପାରମ୍ପାରିକ ଲୋକ କଳା ଦାସ କାଠିଆ ଚକ୍ରଧର ଦେବତା ଓ ସାଥୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଜନସାଧାରଣ ମାନେ ଓର୍ମାଶ ଷ୍ଟଲରୁ ବିଭିନ୍ନ ବୟନ ଶିଳ୍ପ, ହସ୍ତ ଶିଳ୍ପ ଓ କୁଟୀର ଶିଳ୍ପ ଜିନିଷ କିଣାକିଣି କରିବା ସହ ଅଗ୍ରଣୀ ଯୋଜନା ସଂପର୍କୀତ ଷ୍ଟଲ ବୁଲିଦେଖି ନୂତନ ସରକାରଙ୍କ ଅତ୍ୟାବଶ୍ୟକ ଉତ୍କର୍ଷ ଗ୍ରାମୀଣ ଯୋଜନାର ରୂପରେଖ ସମ୍ପର୍କରେ ଅବଗତ ହୋଇଥିଲେ । ସୁଭଦ୍ରା ଷ୍ଟଲରେ ମହିଳା ସଶକ୍ତି କରଣ ଓ ପାରମ୍ପାରିକ ଖାଦ୍ୟ ଖାଇବାର ଦର୍ଶକ ମାନେ ଉପଲବ୍ଧି କରିଥିଲେ । ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର , ରାଜସ୍ୱ ନିବେଦିତା ପରିଡ଼ା,ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ଶ୍ୟାମଲେନ୍ଦୁ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଯୋଗଦେଇଥିଲେ ।

ନିରଞ୍ଜନ ରଥଙ୍କ ବିୟୋଗରେ ୟୁଜେର ଗଭୀର ଶୋକ

ବାଲେଶ୍ୱର, ୨୧/୬ (ନି.ପ୍ର): ବରିଷ୍ଠ ସାମ୍ବାଦିକ ଦୈନିକ ସମାଜର ପୂର୍ବତନ ସମ୍ପାଦକ, ପ୍ରକାଶକ, ମୁଦ୍ରାକର, ସମାଜସେବୀ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥ ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ଦେହାନ୍ତ ହୋଇଯାଇଛି। ଶ୍ରୀ ରଥଙ୍କ ବିୟୋଗରେ ଓଡିଶା ସାମ୍ବାଦିକ ୟୁନିୟନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଗଭୀର ଶୋକ ପ୍ରକାଶ କରଯାଇଛି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ସମାଜ ସେବାରେ ନିଜକୁ ନିୟୋଜିତ ରଖିବା ଏବଂ ସମାଜ ସମ୍ବାଦ ପତ୍ରର କଳେବର ବୃଦ୍ଧି କରିବା, ସମାଜକୁ ସଧାରଣ ଜନତାଙ୍କ ସ୍ୱରରେ ପରିଣତ କରିବା ଦିଗରେ ଶ୍ରୀ ରଥଙ୍କ ଅବଦାନ ଅବିସ୍ମରଣୀୟ ବୋଲି ୟୁନିୟନର ପକ୍ଷରୁ ଏକ ପ୍ରେସ ବିବୃତ୍ତି ରେ କୁହାଯାଇଛି। ଶ୍ରୀ ରଥଙ୍କ ବିୟୋଗ ସାମ୍ବାଦିକତା ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେବା ସହିତ ତାଙ୍କର ପ୍ରେରଣା, ଅଭିଜ୍ଞତା, ପ୍ରତିଜ୍ଞାବଦ୍ଧତା ଓ ଜନସଂପର୍କ କୁ ଲୋକେ ସବୁଦିନ ମନେ ରଖିବେ ବୋଲି ୟୁନିୟନର ସଭାପତି ଗଙ୍ଗାଧର ରାଉତ,ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ଚନ୍ଦ୍ରମୋହନ ମହାପାତ୍ର, ରାମନାରାୟଣ ଶତପଥୀ, ଅନାମ ଚରଣ ପଣ୍ଡା, ବିବେକାନନ୍ଦ ଦାସ, ସୁରେଶ ଚନ୍ଦ୍ର ଦାସ, ସୁଧାନିଧି ମହାପାତ୍ର, ଅଜିତ କୁମାର ମହାନ୍ତି, ଲକ୍ଷ୍ମୀଧର ଗାଣ, ହାଇଦର ଖାନ , ରବିରଞ୍ଜନ ତ୍ରିପାଠୀ ପ୍ରମୁଖ କହିଛନ୍ତି।

ନିଶାମୁକ୍ତ ଜୀବନ ପାଇଁ ଅବକାରୀ ବିଭାଗ ପକ୍ଷରୁ ସଚେତନତା

ସମ୍ବଲପୁର, ୨୧/୬ (ନି.ପ୍ର): ନିଶାମୁକ୍ତ ଜୀବନ ପାଇଁ ସମ୍ବଲପୁର ଅବକାରୀ ବିଭାଗ ପକ୍ଷରୁ ଚାଲିଛି ବ୍ୟାପକ ସଚେତନତା। ଆମ ସଂକଳ୍ପ ନିଶା ନୁହେଁ ଜୀବନ ସ୍ଲୋଗାନ ନେଇ ବିଭିନ୍ନ ବିଭାଗ ପକ୍ଷରୁ ଏହି ସଚେତନତା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ଼ ବ୍ୟାଙ୍କ ପରିସରରେ ବିଭାଗ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି ।ଏହି ଶିବିରକୁ ଜିଲ୍ଲା ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା.ଅଶୋକ ଦାଶ ଓ ଜିଲ୍ଲା ଅବକାରୀ ଅଧିକାରୀ ଅଶୋକ ସେଠ୍ ମିଳିତ ଭାବେ ଉଦଘାଟନ କରିଥିଲେ. ଶିବିରରେ ମୋଟ ୨୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

ମଧୁର ବିନୟ ଭାବକୁ ବାସ୍ତବ ଜୀବନରେ ଫୁଟାଇଥିବା ନେତ୍ରୀ ସାବିତ୍ରୀ

ଉଦଳା , ୨୧/୬ (ନି.ପ୍ର): କଥାରେ ଅଛି 'ମଧୁର ବିନୟ ବଚନ, କହି ତୋଷିବ ଜନମନ' । ଏହାକୁ ନିଜର ବ୍ୟକ୍ତିଗତ ଜୀବନରେ ଆଚରଣରେ ଫୁଟାଇଥିବା ଏପରି ଏକ ପରିବାର କଥା ବର୍ତମାନ ଚର୍ଚ୍ଚାକୁ ଆସୁଛି । ଏହିପରିବାର ହେଉଛନ୍ତି ଖୁଂଟା ପଂଚାୟତ ସମିତି ଅନ୍ତର୍ଗତ ବାହାନଡ଼ା ପଂଚାୟତର ସରପଂଚ ସାବିତ୍ରି ଟୁଡୁ ଏବଂ ତାଙ୍କର ସ୍ୱାମୀ ଧନେଶ୍ୱର ଟୁଡୁ । ଉକ୍ତ ପଂଚାୟତର ସରପଂଚ ଭାବରେ ସ୍ୱାମୀ ଧନେଶ୍ୱର ୨ଥର ନିର୍ବାଚିତ ହୋଇଥିବା ବେଳେ ସହଧର୍ମିଣୀ ସାବିତ୍ରି ଟୁଡୁ ମଧ୍ୟ ୨ ଥର ସରପଂଚ ପଦ ଦଖଲ କରିଛନ୍ତି । ଆଶ୍ଚର୍ଯ୍ୟର କଥା ସବୁଠାରୁ ଅଧିକ ଭୋଟ ବ୍ୟବଧାନରେ ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କ ଠାରୁ 'ସାବିତ୍ରି' ବାରମ୍ବାର ନିର୍ବାଚନରେ ଜିତୁଛନ୍ତି । ଏଥିପାଇଁ ସମଗ୍ର ଖୁଂଟା ପଂଚାୟତ ସମିତିରେ ସାବିତ୍ରି ଦିଦିଙ୍କର ରହିଛି ସ୍ୱତନ୍ତ୍ର ସମ୍ମାନ । ମଧୁର ବିନୟ ବଚନରେ ଉକ୍ତ ଦମ୍ପତି ଜନମାନସକୁ ଏଭଳି ପ୍ରଭାବିତ କରିପାରନ୍ତି ଯେ ଏହାର ଫଳ ସ୍ୱରୂପ ନିର୍ବାଚନରେ ଜିତିବା ତାଙ୍କପକ୍ଷେ ସହଜ ହୋଇଥାଏ । ଖାଲି ସେତିକି ନୁହେଁ ବିନୟଭାବଯୁକ୍ତ ମଧୁର ବଚନ

ଦ୍ୱାରା ଗ୍ରାମର ବହୁ ଛୋଟ ବଡ଼ ସମସ୍ୟା ସମାଧାନ କରାଯାଇ ପାରିଥାଏ । ଫଳରେ ଗ୍ରାମରେ ଶାନ୍ତ ବାତାବରଣ ସାଙ୍ଗକୁ ଭାଇଚାରାର ଭାବ ଦୃଢ଼ିଭୂତ ହୋଇଥାଏ । ଯେଉଁଥିପାଇଁକି ଏହି ପଂଚାୟତର ଲୋକେ ମାଲିମକଦ୍ଦମା କରି ଅଯଥା ସମୟ ଓ ଅର୍ଥ ଖର୍ଚ୍ଚ କରିବାକୁ ଆଦୌ ପସନ୍ଦ କରନ୍ତି ନାହିଁ । ପଂଚାୟତ ମଧ୍ୟରେ ଏହିଭଳି ଏକ ପରିବେଶ ସୃଷ୍ଟି କରିବାରେ ସରପଂଚ 'ସାବିତ୍ରି' ଓ ତାଙ୍କର ସ୍ୱାମୀ 'ଧନେଶ୍ୱର'ଙ୍କ ଉଦ୍ୟମ ସବୁଠାରୁ ଅଧିକ ପ୍ରଶଂସନୀୟ । ତାଛଡ଼ା ଏହିଭଳି ଏକ ପରିବେଶ ପାଇଁ ବାହାନଡ଼ା ପଂଚାୟତଟି ଆଜି ଦୃଷ୍ଟାନ୍ତ ପାଲଟିଛି । କିଛିଦିନ ପୂର୍ବରୁ ଗୋପବନ୍ଧୁନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଜନଜାଗୃତି ମଂଚ ତରଫରୁ ଖୁଂଟା ଓ ଗୋପବନ୍ଧୁ ନଗରର ସମସ୍ତ ସରପଂଚ ମାନଙ୍କୁ 'ଡ଼ିଜିଟାଲ ସାକ୍ଷରତା' ତାଲିମ ପ୍ରଦାନ କରାଯାଇଥିଲା । ଏହି ତାଲିମ କିପରି ଲାଗିଲା ବୋଲି ସରପଂଚ ସାବିତ୍ରିଙ୍କୁ ପଚାରିବାରୁ ସେ ଏହାକୁ ଭୂୟସୀ ପ୍ରଶଂସା କରିଥିଲେ । କିନ୍ତୁ ବାହାନଡ଼ା ପଂଚାୟତରେ କୌଣସି ସ୍ଥାନରେ ଆଦୌ ନେଟୱାର୍କ ରହୁନଥିବାରୁ ଏହାକୁ କାର୍ଯ୍ୟକାରି କରାଯାଇପାରୁ ନାହିଁ । ଏଥିପାଇଁ ସେ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରିନଥିବାର ଜଣାଇଛନ୍ତି । ଏହା ହେଉଛି ବାହାନଡ଼ା ପଂଚାୟତର ସବୁଠାରୁ ବଡ଼ ଦୁଃଖ ବୋଲି ସେ ବ୍ୟକ୍ତ କରିଛନ୍ତି । ସେହିପରି ଗ୍ରୀଷ୍ମ ଛୁଟି ସମୟରେ ପିଲାଙ୍କୁ ପାଠସହିତ ବାନ୍ଧି ରଖିବା ଓ ପିଲାଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ଘଟାଇବାରେ ଜନଜାଗୃତି ମଂଚ ତରଫରୁ ଯେଉଁଚାଟଶାଳି ମାନ ଖୋଲା ଯାଇଛି ଏହାକୁ ସେ ପ୍ରଶଂସା କରିଛନ୍ତି । ପଂଚାୟତରେ ବହୁ ଉଚ୍ଚ ଶିକ୍ଷିତ ପିଲା କୌଣସି କାମଧନ୍ଦା ନପାଇ ବେକାର ଜୀବନ ବିତାଉଛନ୍ତି । ସେମାନଙ୍କୁ କାମଧନ୍ଦା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ସରପଂଚ ସାବିତ୍ରି ଅନୁରୋଧ ଜଣାଇଛନ୍ତି ।

ମାନବାଧିକାର କର୍ମୀ ସ୍ୱର୍ଗତ ରାଧାକାନ୍ତ ତ୍ରିପାଠୀଙ୍କ ସ୍ମୃତି ସମାରୋହ ପାଳିତ

ଭଦ୍ରକ, ୨୧/୬ (ନି.ପ୍ର): ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ତଥା ମାନବାଧିକାର କର୍ମୀ ୴ ରାଧାକାନ୍ତ ତ୍ରିପାଠୀଙ୍କ ସ୍ମୃତିରେ ତାଙ୍କ ଜନ୍ମ ମାଟି ତଳଗୋପବିନ୍ଧା ଠାରେ ଶତାଧିକ ବିଭିନ୍ନ ବର୍ଗର ବ୍ୟକ୍ତିମାନଙ୍କୁ ନେଇ ପୂର୍ବାହ୍ନ ୧୧ ଘଟିକା ସମୟରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଅଛି । ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଂଗୀତ ବିଦ୍ୟାଳୟର ସମ୍ପାଦକ ଜଗନ୍ନାଥ କରଙ୍କ ସଭାପତିତ୍ୱରେ ଉପସ୍ଥିତ ବ୍ୟକ୍ତିମାନେ ସ୍ୱର୍ଗତ ତ୍ରିପାଠୀଙ୍କର ବହୁମୂଖୀ ସମାଜିକ କାର୍ଯ୍ୟାବଳି ସମ୍ପର୍କରେ ଆଲୋକପାତ କରିଥିଲେ । ୴ ତ୍ରିପାଠୀ ଗାଁ ମାଟିରୁ ଆରମ୍ଭ କରି ଭାରତବର୍ଷର କୋଣ ଅନୁକୋଣରେ ଦଳିତ, ନିଷ୍ପେସିତ, ଅବହେଳିତ ମାନଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସାଳନ୍ଦୀ ନଦୀ, ରେବ-କପାଳୀ ନଦୀ ସଂସ୍କାର ଦ୍ୱାରା କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ, ହୀରାକୁଦ ଅବବାହିକାରେ ବିସ୍ଥାପିତମାନଙ୍କୁ କ୍ଷତିପୂରଣ, କୁଦୁଲି ଗଣହତ୍ୟା ପିଡ଼ିତାଙ୍କୁ ନ୍ୟାୟ ହେଉବା କୁଷ୍ଠ ରୋଗୀମାନଙ୍କୁ ଜମି ପଟ୍ଟା, ପରିଚୟ ପତ୍ର ପ୍ରଦାନ ହେଉ କିନ୍ନରମାନଙ୍କୁ ମୂଖ୍ୟ ସାମାଜିକ ସ୍ରୋତରେ ସାମିଲ କରିବା ହେଉ ପ୍ରତିଟି କ୍ଷେତ୍ରରେ ତାଙ୍କର ପ୍ରଚେଷ୍ଟା ଦ୍ୱାରା କୋଟି, କୋଟି ଲୋକ ଉପକୃତ ହେଉଥିଲେ। ଉକ୍ତ ସଭାରେ ଦେଦିନକ ଖବର କାଗଜ ନିତିଦିନର ସମ୍ପାଦକ ମନୋଜ ମହାପାତ୍ର, ସୁସାହିତ୍ୟିକ ଡ଼. ହୃଦାନନ୍ଦ ପାଣିଗ୍ରାହୀ, କାବ୍ୟଚନ୍ଦ୍ର ସାରଥି ପଣ୍ଡା, କବି ମନୋଜ ପଣ୍ଡା, ମଂଚ କଳାକାର କାଳନ୍ଦୀ ମଳିକ, ନାରାୟଣ ତ୍ରିପାଠୀ, ବିଦ୍ୟୁତ୍‌ଲତା ନାୟକ, ପ୍ରତାପ ଜେନା, ଦେବେନ୍ଦ୍ର ପୁହାଣ, ସୁରେନ୍ଦ୍ରନାଥ ମିଶ୍ର ଯୋଗ ଦେଇ ସ୍ମୃତିଚାରଣ କରିଥିଲେ । କାର୍ଯ୍ୟକ୍ରମଟିକୁ ସୁପରିଚାଳନା କରିବା ଦିଗରେ ସୀତାକାନ୍ତ ତ୍ରିପାଠୀ, ଇତିଶ୍ରୀ ତ୍ରିପାଠୀ ସହଯୋଗ କରିଥିଲେ । ସତ୍ୟାନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ଯୋଗାଣ ଅଧିକାରୀ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କଲେ ଚାଷୀ

ଜୟପୁର, ୨୧/୬ (ନି.ପ୍ର): କୋରାପୁଟ ଜିଲା କୋଟପାଡ ବ୍ଲକ ବୋବେୟା ରବି ମଣ୍ଡିରେ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିଥିବା ଚାଷି ସହ ମା ମାଉଲି କୃଷକ ସଂଘର କର୍ମକର୍ତା ଆଜି ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରିଙ୍କ କାଯ୍ୟାଳୟ ସହ ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟ ଘେରାଉ କରିଛନ୍ତି । ଜିଲା ମୁଖ୍ୟ ଯୋଗାଣ ଅଧିକାରି ପ୍ରଦିପ ପଣ୍ଡାଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରବି ମଣ୍ଡିରେ ପ୍ରାୟ ୪୪ ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ ପାଇଁ ସରକାରଙ୍କ ଠାରୁ ଟୋକେନ ମିଳିଛି । କିନ୍ତୁ, ମଣ୍ଡି ଆରମ୍ଭ ଦିନ ଠାରୁ ମାତ୍ର ୨୪ ହଜାର ଧାନ ଆଜି ପର୍ଯ୍ୟନ୍ତ ଉଠାଯାଇଛି । ରବି ଧାନ କ୍ରୟ କରିବା ପାଇଁ ଯେଉଁ ମିଲର ମାନଙ୍କୁ ନିଯୁକ୍ତ କରାଯାଇଛି ସେମାନଙ୍କ ମଧ୍ୟରେ ଅଧିକାଂଶ ମିଲରଙ୍କ ଦେଖା ମିଳୁନାହିଁ ।

ସେଲ ଦ୍ୱାରା ଆୟୋଜିତ "କୃତ୍ରିମ ବୁଦ୍ଧିମତ୍ତା ଓ ଆପଣ" ପ୍ରତିଯୋଗିତାରେ ୫ ଜଣ ଆର ଏସ ପି କର୍ମଚାରୀଙ୍କ କୃତିତ୍ୱ

ରାଉରକେଲା, ୨୧/୬ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ୫ ଜଣ କର୍ମଚାରୀ ସେଲ କର୍ପୋରେଟ୍ ଅଫିସ ଦ୍ୱାରା ଆୟୋଜିତ 'କୃତ୍ରିମ ବୁଦ୍ଧିମତ୍ତା ଓ ଆପଣ' ପ୍ରତିଯୋଗିତାରେ ପୁରସ୍କାର ଅର୍ଜନ କରିଛନ୍ତି । ସଂଗଠନ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ୍ ପ୍ରଯୁକ୍ତିର ଅଭିନବ ପ୍ରୟୋଗକୁ ସ୍ୱୀକୃତି ଦେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି । ସିଏଣ୍ଡଆଇଟି ବିଭାଗର ଏଜିଏମ୍ ଶ୍ରୀ ସଂଜୟ କୁମାର ଗୌତମ, ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ବି ବି ଅରୁଣ କୁମାର ଏବଂ ସି ଏଣ୍ଡ ଆଇଟି ବିଭାଗର ସିନିୟର ଟେକ୍ନିସିଆନ ଶ୍ରୀ କବି ବିରୋଜ କୁମାର ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶଂସା ପତ୍ର ସହିତ ନଗଦ ପୁରସ୍କାର ପାଇବାକୁ ମନୋନୀତ ହୋଇଥିଲେ। ନୂତନ ପ୍ଲେଟ ମିଲ ବିଭାଗ ର ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍, ଶ୍ରୀ ଶୁଭାଶିଷ ପଣ୍ଡା, ଏବଂ ଏଚ ଏସ ଏମ୍ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ଶ୍ରୀକାନ୍ତ ଉଭୟଙ୍କର ପ୍ରଶଂସନୀୟ ପ୍ରୟାସ ପାଇଁ ପ୍ରଶଂସା ପତ୍ର ଲାଭ କରିବେ। ଏହି ପରିପ୍ରେକ୍ଷୀରେ ଆରଏସପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଡି ଏସ ପି ଏବଂ ଆଇ ଏସ ପି ର ଅତିରିକ୍ତ ଦାୟିତ୍ୱ ବହନ କରୁଥିବା ଶ୍ରୀ ଆଲୋକ ବର୍ମା ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ 'ଏହା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ' ଅଟେ ।

ହୋଲିଷ୍ଟିକ୍ ହିଲିଙ୍ଗ ଯୋଗ ଶିକ୍ଷାକେନ୍ଦ୍ରର ଯୋଗ ଦିବସ ପାଳନ

ବାଲେଶ୍ୱର, ୨୧/୬ (ନି.ପ୍ର): ବାଲେଶ୍ୱର ସ୍ଥିତ ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ର ତରଫରୁ ବାଲେଶ୍ୱରର ବିଭିନ୍ନ ସ୍ଥାନରେ ୧୧ତମ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଥିଲା । ବ୍ରାହ୍ମମୁହୂର୍ତ୍ତରେ ଯୋଗର ବିଭିନ୍ନ ସ୍ଲୋଗାନ୍ ମାଧ୍ୟମରେ ଏକ ଯୋଗ ଯାତ୍ରାରେ ଯୋଗକେନ୍ଦ୍ରର ସାଧିକା ସାଧକ ଯୋଗର ବାର୍ତ୍ତା ଦେଇ ଯୋଗ ଦ୍ୱାରା ସମସ୍ତେ ନିଜର ସୁସ୍ଥତା ପାଇ ପାରିବେ ବୋଲି ଜଣାଇଥିଲେ । ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସକାଳ ୫.୩୦ ମିନିଟ ଓ ପୁଣି ସକାଳ ୭ଟାରେ ଦୁଇଟି ଯୋଗ ପ୍ରଟୋକଲର ଶିବିର ଅନୁଷ୍ଠିତ ହୋଇଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲିପ କୁମାର ଘୋଷ ମୁଖ୍ୟ ଅତିଥି, ବାଲେଶ୍ୱର ମ୍ୟୁନିସିପାଲିଟିର ପୌରାଧକ୍ଷା ଶ୍ରୀମତୀ ସବିତା ସାହୁ ସମ୍ମାନିତ ଅତିଥି ତଥା କବି ଶ୍ରୀ ପ୍ରଶାନ୍ତ ଦାସ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଯୋଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏଥିରେ ଯୋଗ କେନ୍ଦ୍ରର ସଭାପତି ଡ. ଜୟସ୍ମିତା ନାୟକ ଅଧ୍ୟକ୍ଷତା କରିଥିଲେ । ଯୋଗଗୁରୁ ସୁଜିତ କୁମାର ଜେନାଙ୍କ ପରିଚାଳନାରେ ପ୍ରଥମ ଶିବିର ହୋଇଥିବାବେଳେ, ଛାତ୍ର ଶିକ୍ଷକ ମାନଙ୍କ ପାଇଁ ଶିବିରକୁ ପିଇଟି ତଥା ଯୋଗ ଶିକ୍ଷକ ସଞ୍ଜିବ କୁମାର ତାଲଦି ପରିଚାଳନା

କରିଥିଲେ । ପରେ ପରେ ବାଲେଶ୍ୱର ହୋଟେଲ ସଂଘର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ହରିପ୍ରାଜା ଠାରେ ମଧ୍ୟ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା, ଏଥିରେ ହୋଟେଲ ସଂଘର ସଭାପତି ଶ୍ରୀ ସ୍ୱରୂପ ବୋଧନଓ୍ୱାଲା ଅଧକ୍ଷତା କରିଥିଲେ। ଏଠାରେ ଯୋଗର ବିଭିନ୍ନ ପ୍ରଦର୍ଶନୀ ମାନ ସାଧକ ସାଧିକା ମାନଙ୍କ ଦ୍ୱାରା କରାଯାଇଥିଲା । ବାଲେଶ୍ୱର ଜେଲରେ ମଧ୍ୟ କଏଦୀ ମାନଙ୍କ ପାଇଁ ଅଲଗା ସ୍ତ୍ରୀ ଓ ପୁରୁଷ ମାନଙ୍କର ଯୋଗ ଅଭ୍ୟାସ କରାଯାଇଥିଲା । ଏଥିରେ ଜେଲର ଅଧିକ୍ଷକ ଶ୍ରୀମତୀ ସୁଚିତ୍ରା ଦାସ ମହାନ୍ତିଙ୍କ ପରିଚାଳନାରେ ଏହା ସମାପନ ହୋଇଥିଲା । ସମସ୍ତ ସାଧକ ସାଧିକା ଏଥିରେ ବିଭାଗୀୟ କର୍ମଚାରୀ ଅଫିସର ମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ସେହିଭଳି ବାଲେଶ୍ୱର ନାରୀ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୨ ଜୁନ୍ ୨୦୨୫
email :
rabibarachayan2015@gmail.com

ରବିବାର ରଚନା

.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ ଉପନ୍ୟାସ

ଡ.ଭାଗବତ ବେହେରା



ବୈଦେହୀ

ଭାଗ-୧୦୨
(ପୂର୍ବ ପ୍ରକାଶିତ ଉତ୍ତାରୁ...)

'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...



ସ୍ୱପ୍ନ କ'ଣ ସବୁବେଳେ ସତ ହୋଇଥାଏ ଦେବୀ । ଏହା ଆପଣଙ୍କ ମନର ଭ୍ରମ । ଆପଣ ଆମମାନଙ୍କୁ ଛାଡ଼ି କୁଆଡ଼େ ଯିବେ ?

ମୋ ମା କୋଳକୁ ଫେରିଯିବି ସୁଧାମୟୀ। ମୋ କୁଶ ଲବକୁ ମୁଁ ତୁମ ହାତରେ ଟେକି ଦେଇଯିବି । ଆଉ ଯେଉଁ କେତୋଟି ଗୁରୁଦାୟିତ୍ୱ ମୁଁ ତୁମ ମାନଙ୍କୁ ଦେଇଯିବି, ମୋର ଦୃଢ଼ ବିଶ୍ୱାସ ତୁମେମାନେ ତାହା ପୂର୍ଣ୍ଣ କରିବ ।

ଦେବୀ! ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ପ୍ରୀତିଦା, ସୁଧାମୟୀ ଆଦି ମୁନିକନ୍ୟାଗଣ । ତାଙ୍କୁ ଝଟ୍ଟିହିଁ ମୁଁ କହିଥିଲି ମୁଁ ଯାହା କହୁଛି ମୋ ବଚନ ନିଶ୍ଚୟ ଦିନେ ଫଳିବ ପ୍ରୀତିଦା । ଏବେ ଆସ ଆଜି ମୁଁ ମୋ ମନର କଥା ତୁମମାନଙ୍କୁ ଖୋଲି କହିବି । ଏହି ଦିନରେ ଅରଣ୍ୟବାସରେ ମୋ ସ୍ୱାମୀ କେମିତି ଏ ଦିନକୁ ଆନନ୍ଦରେ ପାଳନ କରୁଥିଲେ ତାହା ତୁମେମାନେ ମନ ଦେଇ ଶ୍ରବଣ କର । ଏହାକହି ଦେବୀ ଜାନକୀ ବଉଳବେଦୀ ମୂଳରେ ଫୁଲରେ ପ୍ରଥମେ ପ୍ରଭୁ ଶ୍ରୀରାମଙ୍କର ମୂର୍ତ୍ତିଟିଏ ଆଙ୍କି, ତାପରେ ନିଜ ଛବି ଲେଖି ଦୁଇଙ୍କ ହସ୍ତକୁ ଫୁଲ ଫୁଲରେ ବାନ୍ଧିଦେଇ କହିଥିଲେ, 'ଦେଖିଲ ଦେଖିଲ ପ୍ରୀତିଦା ରାମ ସୀତାଙ୍କର ବିବାହ କାଳୀନ ହସ୍ତଗ୍ରନ୍ଥିଟି ଠିକ୍ ଭାବରେ ପଡ଼ିଛି କି ନାହିଁ ।' ପ୍ରତ୍ୟେକ ବର୍ଷ ଏହି ଦିନରେ ମୋ ସ୍ୱାମୀ ପ୍ରଭାତ ହେବାମାତ୍ରେ ଲକ୍ଷ୍ମଣକୁ ଆଦେଶ ଦିଅନ୍ତି ଲକ୍ଷ୍ମଣ ଆଜି ଦିନକ ତୁମେ ଅରଣ୍ୟରୁ ବାଛିବାଛି ସୁସ୍ୱାଦୁ ଫଳ କିଛି ଆଣିବ । ଆଜି ଦିନଟି କ'ଣ ଜାଣିଛ ତ ଲକ୍ଷ୍ମଣ । ତୁମେ ଜାଣିନଥିବ କେମିତି ? ଏଇଥିପାଇଁ ତ ତୁମେ ଅଯୋଧ୍ୟାରୁ ଆସିବାବେଳେ ଗୋଟାଏ ବାଉଁଶନଳୀରେ ଚଉଦଟି ପାଟଲୁଗା ଲୁଗଇ ନେଇ ଆସିଛ । ପ୍ରତ୍ୟେକ ବର୍ଷ ଏହିଦିନ ଗୋଟାଏ ବସ୍ତ୍ର ତୁମ ଭାଉଜଙ୍କୁ ମୁଁ ଉପହାର ଦିଏ । ତୁମେ ଯଦି ମୋ ମନ ଜାଣି ସେ ଚଉଦଟି ପାଟଲୁଗା ଲୁଗଇ ନଆଣିଥାନ୍ତ, ଆଜି ଦିନରେ ତୁମ ଭାଉଜଙ୍କୁ ମୁଁ କି ଉପହାର ଦିଅନ୍ତି ? ହସିଦେଇ ଲକ୍ଷ୍ମଣ ଝଲିଯାଆନ୍ତି ଫଳମୂଳ ଅନ୍ୱେଷଣରେ । ସେ ଗଲାପରେ ସ୍ୱାମୀ ମୋର କୁହନ୍ତି ଦେବୀ ସୀତେ, ଆଜି ଦିନକ ତୁମର ସମସ୍ତ ସେବା ଦାୟିତ୍ୱ ମୋର । ତୁମକୁ ସ୍ନାନ କରାଇବା ବସ୍ତ୍ର ପିନ୍ଧାଇବା, କେଶବନ୍ଧନ କରିବା, ଫୁଲରେ ସଜାଇବା, ପୁଷ୍ପଦୋଳିରେ ବସି ଝୁଲାଇବା ଆଦି ସମସ୍ତ କାର୍ଯ୍ୟ ମୁଁ କରିବି । ତାଙ୍କ କଥା ଶୁଣି ମୁଁ ହସିହସି କହେ "ଆର୍ଯ୍ୟପୁତ୍ର ! କ'ଣ ପାଇଁ ପ୍ରତିବର୍ଷ ଏହି ଦିନରେ ଆପଣ ଏମିତି ଉନ୍ମତ୍ତ ହୋଇ ଉଠନ୍ତି ।" ମୋ କଥା ଶୁଣି ସେ ହସିହସି କହନ୍ତି ଦେବୀ ଆମ ଜୀବନରେ ଏହିଦିନ ଥରଟିଏ ଆସିଥିଲା, ଯେଉଁଦିନ ତୁମ ହାତ ସହିତ ମୋ ହାତ ମିଶିଥିଲା । ସେହି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ରାମର ଏହି ପ୍ରୟାସ । ଏ ଦିନକୁ ମୁଁ କେବେବି ଭୁଲିପାରିବି ନାହିଁ ସୀତେ । ଏ ପିଣ୍ଡରେ ପ୍ରାଣ ଥିବା ପର୍ଯ୍ୟନ୍ତ ପ୍ରତେକବର୍ଷ ଏହି ଦିନଟିକୁ ଆମେ ସୁଖରେ ଥିଲେ କି ଦୁଃଖରେ ଥିଲେ ନିଶ୍ଚୟ ପାଳନ କରିବା । ଅଯୋଧ୍ୟାରେ ଥିଲେ ଏହି ଦିନଟିକୁ ଆମେ ମହା ଆଡ଼ମ୍ବରରେ ପାଳନ କରିଥାନ୍ତୁ । ଆଜି ଆମେ ଅରଣ୍ୟବାସରେ । ଅଯୋଧ୍ୟାର ଜନପ୍ରଜା ସମସ୍ତେ ଏହିଦିନର ଉତ୍ସବକୁ ଦେଖି ଆନନ୍ଦିତ ହେଉଥା'ନ୍ତେ । ଏଠାରେ ଅରଣ୍ୟରେ ଅରଣ୍ୟବାସୀ ପଶୁପକ୍ଷୀମାନେ ଦେଖି ଆନନ୍ଦିତ ହେବେ । ଏହାକହି ସ୍ୱାମୀ ମୋର ମୋ ହସ୍ତଧରି ମୋତେ ଝରଣାକୁ ନେଇ ଯାଆନ୍ତି ସ୍ନାନ କରାଇବାକୁ । ଯେତେ ବାଧା ଦେଲେ ମଧ୍ୟ ସେ କିଛି ଶୁଣନ୍ତି ନାହିଁ । ସ୍ନାନ କରାଇ ନିଜେ ପିନ୍ଧାଇ ଦିଅନ୍ତି ପାଟ ଶାଢ଼ୀଟିଏ । ନଦୀ ପଠାରେ ବସାଇଦେଇ ମୋର ପ୍ରସାଧନରେ ଲାଗିପଡ଼ନ୍ତି ସେ । ଫୁଲରେ ଫୁଲରେ ମୋତେ ସଜାଇଦେଇ କହନ୍ତି ଆଜି ତୁମେ ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ରବଧୂ ନୁହେଁ, ଆଜି ତୁମେ ମା ବନଦେବୀଙ୍କର ପୁଷ୍ପବଧୂ । ଅଯୋଧ୍ୟାରେ ଥିଲେ ମୋର ମାତାମାନେ ତୁମକୁ ହୀରା, ନୀଳା, ମୋତି, ମାଣିକ୍ୟାଦି ଅଳଙ୍କାରରେ ପୋତି ଦେଇଥାନ୍ତେ । ସୁନାଜରି ଖଚିତ ପାଟଶାଢ଼ୀ ପିନ୍ଧାଇ ଦେଇଥା'ନ୍ତେ । ରାଜ ଅନ୍ତଃପୁରର ବେଶକାରୀମାନେ ତୁମକୁ ନାନା ବେଶ ପୋଷାକରେ ମଣ୍ଡିତ କରାଇ ଦେଇଥା'ନ୍ତେ । ଏଠି କିନ୍ତୁ ଅରଣ୍ୟରେ ତୁମକୁ ସଜାଇ ଦେଉଛନ୍ତି ତୁମର ସ୍ୱାମୀ, ମାତା ବନଦେବୀଙ୍କ ପ୍ରଦତ୍ତ ପୁଷ୍ପାଳଙ୍କାରରେ । ତୁମ ସାମ୍ନାରେ ସୌଖିନ ଦର୍ପଣ ନଥିଲେ ବି ଅଛି ଝରଣାର ଜଳ ଦର୍ପଣ । ସେଥିରେ ନିଜକୁ ଥରେ ଦେଖି ଦେଇ କୁହ ଦେବୀ ତୁମେ ଅଯୋଧ୍ୟାରେ ଥିଲେ ସୁନ୍ଦର ଦିଶୁଥାନ୍ତ ନା ଏ ପୁଷ୍ପାଳଙ୍କାରରେ ବେଶି ସୁନ୍ଦର ଦିଶୁଛ । ତାଙ୍କ କଥା ଶୁଣି ତାଙ୍କ ପାଦରେ ପ୍ରଣାମ କରି ମୁଁ କହେ ପ୍ରଭୁ! ମୋ ସ୍ୱାମୀ ମୋତେ ସୁନା ପୁଟଦିଆ ପାଟଶାଢ଼ୀ ଦେଲେ ମୁଁ ଯେତେ ଖୁସି ହୁଅନ୍ତି ତା ଠାରୁ ଅଧିକ ଖୁସିହେବି ସାମାନ୍ୟ ସୂତାର ବସ୍ତ୍ରଟିଏ ସେ ଦେଲେ । ମୋତେ ସୁନା, ରୁପା, ହୀରା, ମୋତିର ଅଳଙ୍କାରରେ ଛାଇଦେଲେ ମୁଁ ଯେତିକି ସୁନ୍ଦର ଦିଶନ୍ତି, ମୋ ସ୍ୱାମୀ ମୋତେ ପିନ୍ଧାଇ ଦେଉଥିବା ପୁଷ୍ପାଳଙ୍କାରରେ, ଆଉ ଦର୍ପଣରେ ମୋ ଛବି ଦେଖି ମୁଁ ଯେତିକି ଆହ୍ଲାଦିତ ନହେଉଥାନ୍ତି ତା' ଠାରୁ ବେଶି ଆନନ୍ଦ ହେବି ମୋ ସ୍ୱାମୀଙ୍କ ହୃଦୟ ଦର୍ପଣରେ ମୋ ପ୍ରତିବିମ୍ବକୁ ଦେଖି । ମୋ କଥା ଶୁଣି ସେ ଅତ୍ୟନ୍ତ ଆନନ୍ଦିତ ହୋଇ ମୋତେ କୋଳକୁ ଡୋଳିନେଇ ମୋ ସମଗ୍ର ଶରୀରରେ ସ୍ନେହ ପ୍ରୀତିର ଧାରା ବୁହାଇ ଦେଇ ସେ କୁହନ୍ତି, ଧନ୍ୟ ହୋଇଗଲି ସୀତେ, ମୁଁ ଧନ୍ୟ ହୋଇଗଲି । ତୁମର ଏ ପ୍ରୀତିଭରା ବଚନ, ତୁମର ଏ ବନଦେବୀର ରୂପ ଦେଖି, ଜୀବନ ମୋର ସାର୍ଥକ ହୋଇଗଲା । ବର୍ଷକୁ ଥରେ ଏହି ଦିନଟିକୁ ଆମେ ଯେମିତି, ଯେଉଁଠାରେ, ଯେଉଁ ଅବସ୍ଥାରେ ଥିଲେ ବି ପାଳନ କରିବା । ଏହାପରେ ସେ ମୋ ହାତଧରି ନେଇ ଆସନ୍ତି ଆମ ପତ୍ରକୁଡ଼ିଆକୁ । ସେଦିନ କୁଡ଼ିଆକୁ ପ୍ରଭୁ ମୋର ଫୁଲରେ ଫୁଲରେ ସଜାଇ ଦେଇଥାନ୍ତି । ପାଖରେ ବୃକ୍ଷଡାଳରେ ଝୁଲାଇ ଦେଇଥାନ୍ତି ଫୁଲର ଦୋଳିଟିଏ । ସେହି ଦୋଳିରେ ମୋତେ ବସାଇ ଝୁଲାଇ ଦେଇ ସେ କହନ୍ତି, 'ଆଜି ଦିନ ଆମେ ଅଯୋଧ୍ୟାରେ ଥିଲେ ମୁଁ ତୁମକୁ ସୁବର୍ଣ୍ଣ ଦୋଳିରେ ଝୁଲାଇ ଦେଇଥାନ୍ତି । ଆଜି କିନ୍ତୁ ଏ ଅରଣ୍ୟରେ ମୁଁ ତୁମକୁ ଫୁଲଦୋଳିରେ ବସି ଝୁଲାଇ ଦେଉଛି ।'

ତାଙ୍କ ତୁଣ୍ଡରେ ହାତଦେଇ ମୁଁ କହେ ସୁନାଦୋଳିରେ ଝୁଲିବାର ସୁଖ ଠାରୁ ଏ ଫୁଲଦୋଳିରେ ଆପଣ ଯେଉଁ ସୁଖ ବୁଣି ଦେଇଛନ୍ତି ତାହା ମର୍ତ୍ତ୍ୟରେ ନୁହେଁ ସ୍ୱର୍ଗର ଦେବତାମାନଙ୍କୁ ମଧ୍ୟ ଦୁର୍ଲଭ ।

ମୋ କଥା ଶୁଣି ସେ ହୋ ହୋ ହୋଇ ହସିଉଠନ୍ତି । ମୋ ହସ୍ତଧରିନେଇ ଯାଆନ୍ତି ଗଭୀର ଅରଣ୍ୟ ମଧ୍ୟକୁ । ପଶୁପକ୍ଷୀ ମାନଙ୍କର କ୍ରୀଡ଼ା, ପକ୍ଷୀମାନଙ୍କର ମଧୁର ସଂଗୀତ ଗାନ ଶୁଣି ଆମେ ବିଭୋର ହୋଇଯାଉ । ସନ୍ଧ୍ୟା ପୂର୍ବରୁ ଫେରିଆସୁ ଆମେ ପତ୍ରକୁଟୀରକୁ । ଲକ୍ଷ୍ମଣ ସେଦିନ ବାଛିବାଛି ଅନେକ ମିଠା ଫଳ ଆଣି ଆମ ନିକଟରେ ଅଜାଡ଼ି ଦେଇ ଆମକୁ ପ୍ରଣାମ କରି ବିବାହ ବାର୍ଷିକୀର ଶୁଭେଚ୍ଛା ଜଣାନ୍ତି । ସେ ମୁହୂର୍ତ୍ତରେ ଲକ୍ଷ୍ମଣଙ୍କୁ ଝଟ୍ଟିହିଁ ମୁଁ ଦେଖେ ତାଙ୍କ ମୁହଁ ଶୁଖିଯାଇଛି । ମନେମନେ ଭାବେ ଆମେ ଏଠାରେ ଆନନ୍ଦ ଭିତରେ ମଜି ରହୁଥିବା ବେଳେ, ଲକ୍ଷ୍ମଣ ଉର୍ମିଳା ପାଇଁ ଦୁଃଖିତ ନିଶ୍ଚୟ ।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

ଆମ ଗତି କୁଆଡେ

ରଶ୍ମୀ ସାମଲ

ବହୁ ବ୍ୟସ୍ତତା ଭିତରେ ସକାଳୁ ପ୍ରାତଃ ଭ୍ରମଣ ପାଇଁ ସମୟ ହେଉ ନଥିବାରୁ ସନ୍ଧ୍ୟାରେ ଘର ପାଖ ପାର୍କ ଆଡେ ଦୁଇ ସାଙ୍ଗ ଚାଲି ଚାଲି ବୁଲିବା ବେଳେ କହିଲି ବୁଝିଲୁ ସାଙ୍ଗ ଆଜି ଏପରି ସମସ୍ୟାକୁ ମୋତେ ସମ୍ମୁଖୀନ ହେବାକୁ ପଡିଲା ଯାହାକି ଆଖିର ଲୁହକୁ ଚାପି ରଖି ପାରିଲିନି । ଭାବିଲି ଏ ସବୁ କଥା ଟିକେ ତୋତେ କହିଦେଇ ହାଲକା ହୋଇଯିବି । ବିଜେବି କଲେଜରେ ପଢ଼ିବା ସମୟର ଜଣେ ସାଙ୍ଗର ବାପା କାଲି ସନ୍ଧ୍ୟାରେ ହଠାତ ଫୋନ କରିଥିଲେ । ଟିକେ ଆଶ୍ଚର୍ଯ୍ୟ ହୋଇଗଲି, ଆମ ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଥିବା ଓଡିଶା ସରକାରଙ୍କ ତରଫରୁ ପ୍ରବାସୀ ଭାରତୀୟ ଦିବସ, ଯେଉଁଥି ପାଇଁ ଏଠାରେ ଆମର ଏତେ ଆୟୋଜନ ଚାଲିଛି । ସେଥିରେ ମଉସାଙ୍କର ବୋହୂ (ମୋ ସାଙ୍ଗର ସ୍ତ୍ରୀ)ସମ୍ବର୍ଦ୍ଧିତ ହେବେ । ତେଣୁ ମଉସା ମାଉସି,ଦର୍ଶକ ଭାବେ ଉପସ୍ଥିତ ରହି ପାରିବେକି ନାହିଁ,ଆଉ ଯଦି ପାରିବେ ଟିକେ ପାସର ବ୍ୟବସ୍ଥା କରିବା ପାଇଁ କହିଲେ । ପ୍ରଥମେ କ୍ଷମା ମାଗିଲି ଏସବୁ କାର୍ଯ୍ୟରେ ମୁଁ କିଛି ସାହାଯ୍ୟ କରିପାରିବିନି । କାରଣ ଓଡିଶା ସରକାରଙ୍କ ଅଧୀନରେ ଥିବା ଛୋଟିଆ ଅଫିସରଟେ,ଏହି ଆୟୋଜିତ ମହାମଞ୍ଚରେ ଯୋଗ ଦେବାରେ ମୋତେ ଅନୁମତି ଅଛି କି ନାହିଁ ସେ ବିଷୟରେ ମଧ୍ୟ ଅବଗତ ନାହିଁ। ବାହାରୁ ଯେଉଁ ଅତିଥି ଆସିବେ ସେମାନଙ୍କର ରେଜିଷ୍ଟ୍ରେସନ ଦାୟିତ୍ୱ ମୋତେ ଦିଆଯାଇଛି । ହଁ ବୁଝିଲୁ ମଉସାଙ୍କ ବିକଳ ପଣର ସମସ୍ତ ବିଷୟ ଅବଗତ ହେଲି, ପୁଅ ବିଦେଶ ଯିବାପରେ ଗାଁରେ ଥିବା ପିତାମାତାଙ୍କ ପରିଚୟ ଦେଲେ ତାର କୁଆଡେ ସମ୍ମାନହାନି ହୋଇଯାଉଛି ।ଏପରି ବହୁତ କିଛି ବିବେକହୀନ କାର୍ଯ୍ୟକଳାପ ଶୁଣିବା ପରେ ଧିକ୍ ଏପରି ଅଯୋଗ୍ୟ ପୁଅ ବୋହୂ ବୋଲି କହିବାକୁ ମୋ ବିବେକ ଟିକେବି ପଛେଇ ନଥିଲା । ଏତିକି ଜାଣିଥିଲି ମଲ୍ଟିନେସନାଲ କମ୍ପାନୀରେ ଚାକିରୀ କରି ବିଦେଶରେ ରହୁଛି ସାଙ୍ଗ । ପୁଣି ତାର କୁଆଡେ ବାର୍ଷିକ ଦରମା କୋଟିଏ ଟଙ୍କା । ତା ସ୍ତ୍ରୀ ର ମଧ୍ୟ ସେତିକି। ଏହି କିଛି ଦିନ ହେବ ପୁଅଟିଏ ହୋଇଛି ବୋଲି ଯାହା ମୁଁ ସୋସିଆଲ ମିଡ଼ିଆରୁ ଦେଖିଥିଲି । ହଁ ସେମାନେ ସେଠାକାର ସିଟିଜେନସିପି ମଧ୍ୟ ନେଇ ଯାଇଛନ୍ତି ।

ଆମ ଭାରତ ସରକାର ୨୦୦୩ରୁ ପ୍ରବାସୀ ଭାରତୀୟ ଦିବସ ପାଳନ କରି ଆସୁଛି । ଆଉ ଯାହା ଚଳିତ ଜାନୁୟାରୀ ୮ ରୁ ୧୦ ଯାଏ ଓଡ଼ିଶାରେ ପ୍ରଥମ ଥର ଲାଗି ପାଳନ ହେଉଛି । ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବିପୁଳ ଆୟୋଜନ ଚାଲିଛି । ସମ୍ମିଳିତ ହେବେ ବହୁ ଭାରତୀୟ । ଏହା ନିଶ୍ଚିତ ଏକ ଗୌରବର କଥା । ଆମ ଭାରତୀୟ ସଂସ୍କୃତି ଅନୁସାରେ "ଅତିଥି ଦେବା ଭବ"ତେଣୁ ସ୍ୱାଗତ ଓ ଅଭ୍ୟର୍ଥନା ଦେବାରେ ତ୍ରୁଟି ଉଚିତ ନୁହେଁ। ହଁ ଏହି କିଛି ଦିନ ହେବ ଭୁବନେଶ୍ୱରର ସୌନ୍ଦର୍ଯ୍ୟକରଣ ଯଥା ଆଲୋକ ଓ ନୂଆ ରଙ୍ଗରେ ପାତେରି ସବୁ କିପରି ଝଲସିବ ସରକାରୀ ସ୍ତରରେ ତତ୍ପରତା ଦେଖାଯାଉଛି । ଆଉ ମଧ୍ୟ ଭୁବନେଶ୍ୱରର ମାନ ମହତ କିପରି ବିଦେଶରେ ଚର୍ଚ୍ଚା ର ବିଷୟବସ୍ତୁ ହେବ ସେଥିପାଇଁ ସମସ୍ତେ ନିଜ ନିଜ ସ୍ତରରେ ଚେଷ୍ଟା ଜାରି ରଖିଛନ୍ତି, ହେବା ମଧ୍ୟ ଉଚିତ ।

ସମାଜରେ ମଧ୍ୟବିତ୍ତ ସାଧାରଣ ବ୍ୟକ୍ତିଟେ ପିଲାକୁ ମଣିଷ କରିବା ପାଇଁ ବହୁତ କଷ୍ଟ କରିଥାଏ । ଛୋଟରୁ ତାର ସବୁ ଅଳି ଅର୍ଦଳି ସହି ଲକ୍ଷ୍ୟସ୍ଥଳରେ ପଂହଚାଇବାର ବାଟ ଦେଖାଇଥାଏ । ସବୁ କଷ୍ଟ ସହିବାକୁ ବାପା ମାଆ କେବେ ପଛାଇ ନଥାନ୍ତି । ହଁ କଥା ଭିତରେ ମଉସା ବାରମ୍ବାର କହୁଥାନ୍ତି ବୋହୂ ମହାମଞ୍ଚରେ ସମ୍ବର୍ଦ୍ଧିତ ହେବ, ମୁଁ ଟିକେ ଦେଖନ୍ତି ଆଉ ନାତି ପୁଅକୁ ମଧ୍ୟ । ପୁଅ ବାପାଙ୍କୁ ଫୋନରେ କହିଛି ଯେ ସରକାରଙ୍କ ତରଫରୁ ତାଙ୍କ ପାଇଁ ସବୁ ବ୍ୟବସ୍ଥା ହୋଇଛି ଯଥା ଯିବାଆସିବା ପାଇଁ ଗାଡି, ରହିବା ପାଇଁ ଭଲ ହୋଟେଲ ଓ ବିଭିନ୍ନ ପ୍ରକାରର ଖାଦ୍ୟ ଖାଇବା ପାଇଁ,ଏବଂ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବାର ବ୍ୟବସ୍ଥା ରହିଛି । ଗାଆଁଟା ଭୁବନେଶ୍ୱରରୁ ମାତ୍ର ଷୋହଳ କିଲୋମିଟର ବାଟ । ଗାଁ କୁ ଯିବାକୁ ସମୟ ହେବନି ବୋଲି ପୁଅ ଫୋନରେ କହିଲାସତରେ ବାପାଙ୍କ ହୃଦୟ କେତେ କୋମଳ । କିନ୍ତୁ ବିଦେଶରୁ ଆସୁଥିବା ପୁଅବୋହୂ ଗାଁଆ ମାଟି ସ୍ପର୍ଶ କରିବାକୁ ଜନ୍ମଦେଇଥିବା ପିତାମାତାଙ୍କ ଭଲମନ୍ଦ ବୁଝିବାର ଆଗ୍ରହ ଇଚ୍ଛା ସତେ ହଜି ଯାଇଛି । ସେଦିନ ସ୍କୁଲ ଯିବା ବେଳରେ ଯେଉଁ ବାପା ହାତଧରି ରାସ୍ତା ପାର କରିଦେଉଥିଲେ, ଅଭାବକୁ ଲୁଚାଇବାକୁ ଯାଇ ବାପା କହୁଥିଲେ ମୋତେ ଏବେ ଭୋକ ନାହିଁରେ ତୁ ପେଟ ପୁରାଇ ଖାଇଦେ କିନ୍ତୁ ଆଜି ସେ ଅଲୋଡା । ଅତି ଉଚ୍ଚ ଶିକ୍ଷିତ କରିବାରେ କିଛି ଭୁଲ ରହିଗଲା କି । ନିଜକୁ ଶହେ ବାର ପ୍ରଶ୍ନ କରୁଛି ଜଣେ ନିରୀହ ପିତା ।

ଏଥିରେ ମୋର ବ୍ୟକ୍ତିଗତ ମତ ମଣିଷ ଆଧୁନିକ ହୋଇ ପାହାଚ ପରେ ପାହାଚ ଚଢି ଚାଲୁଛି, ମଙ୍ଗଳ ଗ୍ରହରେ ବସବାସ କରିବାର ସ୍ୱପ୍ନ ମଧ୍ୟ ଦେଖି ସାରିଲାଣି ।ଏଠାରେ ଉଙ୍କି ମାରୁଥିବା ବିରାଟ ପ୍ରଶ୍ନ ଏପରି ଚିନ୍ତାଧାରା ଯଦି ପାଠୁଆ ପୁଅବୋହୂ ମାନଙ୍କ ଠାରୁ ଆଶା କରାଯାଏ,ତେବେ ଭାବନ୍ତୁ "ଆମ ଗତି କୁଆଡେ" । ଆଜି ପୁଅ ଆସିବ ବିଦେଶରୁ ସୁଟ ବୁଟ ପିନ୍ଧି ଆଖିରେ ଚଷମା ଦେଇ ସାହେବ ହୋଇ । ମଳି ମୁଣ୍ଡିଆ ବାପାଟି ବିଚରା ଧାଇଁ ଆସିବାର ଇଚ୍ଛା ପ୍ରକାଶ କରୁଛି ପୁଅ ବୋହୂଙ୍କ ଖୁସି ସମୟରେ ଟିକେ ସାମିଲ ହେବା ପାଇଁ। ଚିନ୍ତା କରନ୍ତୁ ତ କୋଟିଏ ଟଙ୍କା ରୋଜଗାର କରୁଥିବା ପୁଅର ନୀଚ ମାନସିକତା, ଅବିବେକ ପଣ କିପରି ଏଠାରେ ସ୍ପଷ୍ଟ ଦୃଶ୍ୟ ହେଉଛି । ବିଦେଶର ଚାକଚକ୍ୟ ସହରରେ ରହି ଡଲାରରେ ରୋଜଗାର କରୁଥିବା ପୁଅ ଅହଂକାର ବଶବର୍ତ୍ତୀ ହୋଇ ଧରାକୁ ସରା ମନେ କରୁଛି । ସମସ୍ତେ ଜାଣନ୍ତି ଜନ୍ମ ମାନେ ମୃତ୍ୟୁ ନିଶ୍ଚିତ, ଏହା ସତ୍ୟ କୋଟିଏ ଟଙ୍କା, ସରଗ ଛୁଆଁ ଅଟାଳିକା, ଅତ୍ୟାଧୁନିକ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଚିରସ୍ଥାୟୀ ନୁହେଁ। ଏସବୁ ମନୋଭାବ କୁ କଣ ପରିବର୍ତ୍ତନ କରି ହେବନି, କାହିଁକି ନୁହେଁ, ମଣିଷ ଦୁନିଆରେ ଏପରି ଶ୍ରେଷ୍ଠ ଯିବ ଯାହାକି ସବୁ ଅସମ୍ଭବ କୁ ସମ୍ଭବ କରିପାରିବ । ପ୍ରଥମେ ଭାବିବା ଉଚିତ ଆମେ ଯେଉଁ ଦେଶରେ ଜନ୍ମ ହୋଇଛେ ତାର ସଂସ୍କୃତି ସଂସ୍କାର ପରମ୍ପରା ଅନ୍ୟ କେଉଁ ଦେଶରେ ନାହିଁ।ଏହାକୁ ଆମେ ଅନୁକରଣ କରିବା । ଶେଷରେ ଏତିକି ଅନୁରୋଧ ରହିବ ଦେଶ କିମ୍ବା ବିଦେଶରେ ରହୁଥିବା ପୁଅମାନେ ସଦା ସର୍ବଦା ଭାବିବା ଉଚିତ ଯାହା ଆଶୀର୍ବାଦରୁ ଏପରି ଶୀର୍ଷ ସ୍ଥାନରେ ପଂହଁଚିଛନ୍ତି, ସେହି ପିତାମାତାଙ୍କ ଦାୟିତ୍ୱକୁ ବୋଝ ନଭାବି କର୍ତ୍ତବ୍ୟ ଭାବନ୍ତୁ । ବହୁତ ବଡ଼ ଆଶୀର୍ବାଦ ସାଉଁଟିବେ ଭବିଷ୍ୟତ ପିଢ଼ି ପାଇଁ। ଇଚ୍ଛା ଥିଲେ ସମୟ ନିଶ୍ଚିତ ଆସି ପାଖରେ ପଂହଁଚିବ । ଭୁବନେଶ୍ୱରରୁ ଖୋର୍ଦ୍ଧା ଏକ ବହୁତ ବଡ଼ ଦୂରତାର ବାହାନା ଦେଖାଇ ଜନ୍ମ ମାଟିକୁ ଭୁଲିଯିବା ମୋ ମତରେ ବିଲକୁଲ ଠିକ ନୁହେଁ। ସଦା ସର୍ବଦା ପିତା ମାତାଙ୍କୁ ଖୁସି ରଖିବାର ଇଚ୍ଛା ଶକ୍ତିକୁ ଦୃଢ କରିବାର ସଂକଳ୍ପ ନେବା, ଯେପରି ସେହି ମଉସାଙ୍କ ପରି କାହାରି ଆଖିରେ ଆଉ ଲୁହ ଦେଖିବାନି ।

❤ଭୁବନେଶ୍ୱର
(ମୋ) ୯୪୩୭୧୧୫୮୬୫

କବିତା...



ଦେଇନୁ କାହାକୁ ଠକି

ବସନ୍ତ କୁମାର ଦାସ

୩୦ ତ ହାରିଛି ଆଖିରେ କହିଛି
ବୁଝିବାକୁ ଏତେ ବାକି
ବୁଝାଇବା ପାଇଁ ପାହାନ୍ତି ରାତି ବି
ନୀରବେ ପଡ଼ିଲା ଥକି ,
ସଫେଇ ଦେଇଛୁ ମିଛରେ ମିତଣୀ !
ଦେଇନୁ କାହାକୁ ଠକି ।

କେତେ ତୁ ଫେରିଛୁ ଫେରିଯିବା ପାଇଁ ,
ଭରସା ପାଇଲା ନାହିଁ
ମୁଁ ବି ଫେରିଛି ସେଇ ଅଧା ବାଟୁ
ତୋ ବାଟକୁ ଚାହିଁ ଚାହିଁ ।
ଆଜି ଏ ସହରେ ଆଖିରେ ଆଖି ତୁ
ମିଶାଇ ପାରୁନୁ ଦେଖି,
ସଫେଇ ଦେଇଛୁ ମିଛରେ ମିତଣି !
ଦେଇନୁ କାହାକୁ ଠକି ।

ବାଟକାଟି ଯିବା ସହଜ ହେଲେ ବି
ଭୁଲିବା ସହଜ ନୁହେଁ
ତୁ ତ ଜାଣିଛୁ ମୁଁ ବି ଜାଣିଛି
ନଜାଣୁ ପଛକେ କିଏ ।
ଲିଭାଇ ଦେଲୁ ତୋ ନାଆଁ ସବୁଆଡେ
ମୋ ନାଁ ଏକଲା ରଖି,
ସଫେଇ ଦେଇଛୁ ମିଛରେ ମିତଣୀ !
ଦେଇନୁ କାହାକୁ ଠକି ।

❤ ମୋ: ୭୦୦୮୬୯୩୧୦୩

ଆଖି

କମଳ କୁମାର ମହାନ୍ତି

ଗୀତିମଣୋହିରେ ତୃପ୍ତ କରିବା ମୋ' ଗୀତିଯାତ୍ରାର ଲକ୍ଷ୍ୟ : ମନୋଜ ପଟ୍ଟନାୟକ

ମନୋଜ ପଟ୍ଟନାୟକ ଓଡିଆ ଗୀତିକବିତା ଜଗତର ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । କେବଳ ଗୀତିକବିତା ନୁହେଁ, ଗଳ୍ପ ଓ ପ୍ରବନ୍ଧ ସାହିତ୍ୟର ସେ ଜଣେ ଅନୁରାଗୀ ବିନ୍ଧାଣି । ତାଙ୍କ କବିତାର ଛଳଛଳ ଆବେଗ, ଅନୁରାଗ ସବୁ ଯେମିତି ସବୁଜିମାର ଗୋଟେ ମୁଗ୍ଧ ମଧୁବନ । ତାଙ୍କ କବିତାର ଲାଳିତ୍ୟ କେତେବେଳେ ଚଇତି ବାଆ ପରି ତ କେତେବେଳେ କୋଇଲିର କଣ୍ଠ ପରି ମନକୁ ଆଚ୍ଛନ୍ନ କରେ । ସାହିତ୍ୟ ମାଧ୍ୟମରେ ସୁସ୍ଥ, ସୁନ୍ଦର, ସମାଜର ପରିକଳ୍ପନା କରୁଥିବା କବିଙ୍କ ସହ ଏଥରର ଆଳାପ..

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ରେଡ଼ିଓରୁ ଗୀତ ଶୁଣିବାର ଅଭ୍ୟାସଗତ ପ୍ରକ୍ରିୟାରେ ମୁଁ ପ୍ରାୟତଃ ସମ୍ମୋହିତ ହୋଇଯାଇଥିଲି ଛାତ୍ରାବସ୍ଥାରୁ । ପ୍ରାକ୍ ଯୌବନରେ ଏହାର ପ୍ରଭାବ ଓ ପ୍ରତିକ୍ରିୟାରେ ଜାଣତରେ ଅବା ଅଜାଣତରେ ମୋ' ଭିତରେ ଜନର ଆକସ୍ମିକ ଉନ୍ମେଷକୁ ଅନୁଭବ କରିବାର ସୁଯୋଗ ପାଇଲି। କେବେ କେମିତି କେଉଁଠି ଯେ ସୃଜନର ଧାରା ମତେ କବଳିତ କଲା, ତା'ର ତିଥି ବାର ନକ୍ଷତ୍ର ମୋ'ର ମନେ ନାହିଁ। ତଥାପି ଉତ୍ତୀର୍ଣ୍ଣ କୈଶୋର ଓ ଆଦ୍ୟ ଯୌବନର କୌଣସିଏକ ମାହେନ୍ଦ୍ରବେଳାରେ ମୋ'ର ସାରସ୍ୱତ ସୃଜନର ସ୍ଫୁରଣ ଘଟିଥିଲା, ଏହ ନିଶ୍ଚିତ।

■ ଗୀତିକବିତା ପ୍ରତି କେମିତି ଆକୃଷ୍ଟ ହେଲେ ? କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ?

■■ ଗୀତ ଶୁଣୁଥିଲାବେଳେ ଏହାର ମଧୁର ମୂର୍ଚ୍ଛନାର ସାଙ୍ଗୀତିକ ଉଦ୍‌ବେଳନ ମନ ଭିତରେ ଏକ ମାଧୁର୍ଯ୍ୟର ଅପୂର୍ବ ଝଙ୍କାର ସୃଷ୍ଟି କରୁଥିଲା । ଯାହାର ବିଭୋରପଣରେ ମୁଁ ତଲ୍ଲୀନ ହୋଇଯାଉଥିଲି । ଗୀତଗୁଡ଼ିକର ସ୍ୱର ତଥା ଶବ୍ଦର ମିଳନାତ୍ମକ ପ୍ରତିବେଦନରେ ମୁଗ୍ଧ ଚକିତ ହେବାର ଆନନ୍ଦଦାୟକ ମୂହୂର୍ତ୍ତ ସବୁ ଏବେ ବି ପଛକୁ ଟାଣେ । ଛଅ ଦଶନ୍ଧି ତଳେ ଲେଖା ହୋଇଥିବା, ଗାୟନ ହୋଇଥିବା ଗୀତଗୁଡ଼ିକର ଗୀତିକବିତା) ଅସୀମ ସୁଷମାରେ ଯେତେବେଳେ ମୁଁ ନିଜକୁ ହଜେଇଦେଉଥିଲି, ସେଇ ସମୟରେ ବୋଧହୁଏ ମୋ' ଭିତରେ ଗୀତିକବିତାର ଅହେତୁକ ଆକର୍ଷଣ ଘର କରି ସାରିଥିଲା । ଧୀରେ ଧୀରେ ତାହା କାଗଜ କଲମରେ ରାୟିତ ହେଲା । ମୋ'ର କିଛି କଣ୍ଠଶିଳ୍ପୀ ବନ୍ଧୁମାନଙ୍କ ଦ୍ୱାରା ଯେତେବେଳେ ସେଗୁଡ଼ିକ ସ୍ୱରାଶ୍ରିତ ହୋଇ ଗାୟନରେ ବିକଶିତ ହେଲା, ସେତେବେଳର ଶିହରିତ ଅନୁଭବ ଅବର୍ଣ୍ଣନୀୟ । ଏଇଠି କହି ରଖେ, ଗୀତିକବିତା ଲେଖିବା ପୂର୍ବରୁ କ୍ଷୁଦ୍ରଗଳ୍ପରେ ମଧ୍ୟ ମୁଁ ନିଜକୁ ନିୟୋଜିତ କରିଥିଲି । ମୋ'ର ଗୋଟିଏ କ୍ଷୁଦ୍ରଗଳ୍ପ ସଂକଳନ 'ହସର ରଙ୍ଗ ଲାଲ୍' ପ୍ରକାଶିତ ହୋଇଛି । କିନ୍ତୁ କେଜାଣି କାହିଁକି ଗୀତିକବିତା ମତେ ଏ' ଯାଏ ଟାଣି ଆଣିଚି । ବୋଧହୁଏ ଏହା ହିଁ ବିଧି ନିର୍ଦ୍ଦେଶ ! କ୍ଷୁଦ୍ରଗଳ୍ପ ପାଇଁ ମନ ଚାହିଁଲେ ବି ଗୀତିକବିତାର ଆଧିପତ୍ୟ ବାଟ ବଦଳାଇଦିଏ। ସତ କହିବାକୁ ଗଲେ, ଗୀତିକବିତା ପାଇଁ ମୁଁ ସମ୍ପୂର୍ଣ୍ଣ ଭାବେ ସମର୍ପିତ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟ ଗୁରୁ ଭାବରେ ଆପଣ କାହାକୁ ସ୍ମରଣ କରିବେ ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ଆମ ଭାଷା ସାହିତ୍ୟର ପୂର୍ବସୁରୀମାନଙ୍କର ସାରସ୍ୱତ ସୃଷ୍ଟି ହିଁ ମତେ ବହୁମାତ୍ରାରେ ପ୍ରଭାବିତ କରିଛି ତଥା ପରୋକ୍ଷରେ ସୃଜନଧର୍ମ ପାଇଁ ପ୍ରୋତ୍ସାହିତ କରିରଛି ବୋଲି ମୁଁ ଅନୁଭବ କରେ । ବିଗତ କାଳର ପ୍ରଣମ୍ୟ ସାହିତ୍ୟ ରଥୀମାନଙ୍କ ସାହିତ୍ୟକୃତିଗୁଡ଼ିକର ଅଦୃଶ୍ୟ ପ୍ରଭାବରେ ସମ୍ଭବତଃ ମୋ'ର ସୃଜନ ଶିଳ୍ପର ଉନ୍ମେଷ ଘଟିବା ସଙ୍ଗେସଙ୍ଗେ କିଛି ମାତ୍ରାରେ ଗତିଶୀଳ ହେବାର ଭାଗ୍ୟ ପାଇପାରିଛି । ସେମିତି ନିର୍ଦ୍ଦିଷ୍ଟ ଭାବେ ମୋ'ର ସାହିତ୍ୟ ଗୁରୁ କେହି ନଥିଲେ ବି ମୁଁ ଅନେକ ପ୍ରତିଭାଦୀପ୍ତ ସାରସ୍ୱତ ସାଧକମାନଙ୍କୁ ବିନମ୍ର ସମ୍ମାନ ପ୍ରଦାନ କରିଥାଏ ତଥା ଯଥାସମ୍ଭବ ସେମାନଙ୍କ ଅମୂଲ୍ୟ ପରାମର୍ଶ ଓ ନିର୍ଦ୍ଦେଶକୁ ମାନି ନେବାକୁ ଯତ୍‌ରୋନାସ୍ତି ଚେଷ୍ଟା କରିଥାଏ। ଗଳ୍ପ, ଉପନ୍ୟାସ, ନାଟକ, କବିତା, ଗୀତିକବିତା, ଅନୁବାଦ ଆଦି ସାହିତ୍ୟର ପ୍ରତ୍ୟେକ ବିଭାଗର ମୂର୍ଦ୍ଧନ୍ୟ ବ୍ୟକ୍ତିଙ୍କୁ ଗୁରୁ ପଦାସୀନ କରିବାକୁ ହୃଦୟରୁ ସ୍ୱାଗତ କରିଥାଏ। ପୂର୍ବ ପିଢ଼ିର ତଥା ସମକାଳର ଯଶସ୍ୱୀ ସାରସ୍ୱତ ସ୍ରଷ୍ଟାମାନଙ୍କର କୀର୍ତ୍ତିବହୁଳ ସୃଷ୍ଟିର ମଞ୍ଜ ସାରାଂଶକୁ ଗ୍ରହଣ କରିବାକୁ ତତ୍ପର ହୁଏ ଏବଂ ସେଇଗୁଡ଼ିକ ହିଁ ମୋର ସାରସ୍ୱତ ପ୍ରେରଣାର ଉତ୍ସ ପାଲଟିଯାଏ । ଯେହେତୁ ମୁଁ, ଗୀତିକବିତା ପାଇଁ ସମର୍ପିତ, ତେଣୁ ଗୀତିକବିତାର ସୁଖ୍ୟାତ ଗୀତିକବିମାନଙ୍କୁ ପ୍ରଚୁର ପଢ଼େ ଏବଂ ସେଥିରୁ କିଛି ଶିଖିବାକୁ ପ୍ରାଧାନ୍ୟ ଦିଏ। ମୁଁ ସ୍ମରଣ କରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କୁ, ଗୋଦାବରୀଶ ମିଶ୍ରଙ୍କୁ, ଗୋଦାବରୀଶ ମହାପାତ୍ରଙ୍କୁ, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କୁ, ବୈକୁଣ୍ଠ ନାଥ ପଟ୍ଟନାୟକଙ୍କୁ ତଥା ସେ ସମୟର ଆହୁରି ଅନେକ ସୃଜନଶୀଳ ଯଶସ୍ୱୀ ବ୍ୟକ୍ତିତ୍ୱଙ୍କୁ । ଯେଉଁମାନଙ୍କର ସର୍ଜନଶୀଳତାରେ ଆମର ଭାଷା ସମୃଦ୍ଧ । ଏହି ଯୁଗପୁରୁଷମାନଙ୍କର ସାରସ୍ୱତ ଅବଦାନ ଆମ ପାଇଁ ବରଦାନ । ସ୍ୱାଧୀନୋତ୍ତର ଗୀତିକବିମାନଙ୍କ ମଧ୍ୟରୁ ସମ୍ମାନସ୍ପଦ ଜୀବନାନନ୍ଦ ପାଣି, ଗୁରୁକୃଷ୍ଣ ଗୋସ୍ୱାମୀ, ଅକ୍ଷୟ ମହାନ୍ତି, ନାରାୟଣ ପ୍ରସାଦ ସିଂହ, ଶିବବ୍ରତ ଦାସ, ବିନୋଦିନୀ ଦେବୀ, ଦେବେନ୍ଦ୍ର ଦାସ, ବୃନ୍ଦାବନ ଜେନା, ସ୍ନେହଲତା ମହାନ୍ତି, ନନ୍ଦକିଶୋର ସିଂହ ପ୍ରଭୃତିଙ୍କର କାଳଜୟୀ ରଚନା ସବୁ ମୋ' ଭିତରେ ଏକ ଅଭୁଦ ଶିହରଣ ଆଣେ ଏବଂ କିଛି ଗୋଟେ ନୂଆ ସୃଷ୍ଟିକରିବାର ସୃଜନପଣକୁ ଉସୁକାଏ। ଏଇଠି କହିବାକୁ ଭୁଲିବିନି, ମୋ'ର ସାରସ୍ୱତ ବିକାଶ ପଥରେ ପ୍ରଣମ୍ୟ ଗୁରୁକୃଷ୍ଣ ଗୋସ୍ୱାମୀଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ପରାମର୍ଶ, ତାଗିଦ୍ ଓ ପ୍ରୋତ୍ସାହନକୁ । ମୋ'ର ଲେଖିବାର ଗତିପଥକୁ ସରସ ସୁନ୍ଦର ସାବଲୀଳ କରିବାରେ ତାଙ୍କର ଭୂମିକା ବେଶ୍ ଗୁରୁତ୍ୱର୍ଣ୍ଣ। ମୋ'ର ସୃଜନଯାତ୍ରାର ପ୍ରେକ୍ଷାପଟରେ ଗୀତିମଣୋହିରେ ସୁଧୀ ସମାଜକୁ ତୃପ୍ତ କରିବା ହିଁ ମୁଖ୍ୟ ସ୍ୱର । ଏହି ସୁଖଦ ଅପହଞ୍ଚ ଅଭିଯାତ୍ରାର ଅଭିଯାତ୍ରୀ ଭାବରେ ମୁଁ ଗର୍ବ କରେ ।

■ ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ପ୍ରିୟ ଓ କାହିଁକି ?

■■ ବର୍ତ୍ତମାନ ସୁଦ୍ଧା ମୋର ଆଠଟି ପୁସ୍ତକ ପ୍ରକାଶିତ । ଗୋଟିଏ କ୍ଷୁଦ୍ରଗଳ୍ପ ସଂକଳନ, ପାଞ୍ଚଟି ଗୀତିକବିତା ସଂକଳନ, ଗୋଟିଏ ସନେଟ୍ ସଂକଳନ ଓ ଗୋଟିଏ ପ୍ରବନ୍ଧ ସଂକଳନ। ଯେମିତି ପ୍ରଥମ ଶିଶୁଟିଏ ଜନ୍ମ ନେଲେ ଘରେ ସୁଖ ଆନନ୍ଦର କୋଳାହଳ ଜମିଯାଏ, ଠିକ୍ ସେମିତି ମୋ'ର ପ୍ରଥମ ଗୀତିପୁସ୍ତକ 'ଗୋଟିଏ ନୀଡ଼ ଅନେକ ଝଡ଼'ର ପ୍ରକାଶନରେ ମୁଁ ପୁଲକି ଉଠିଥିଲି । ସେ ପୁଲକର ଶୀତ୍କାରରେ ଝୁମି ଉଠିଥିଲି। ତାହା ଏକ ସ୍ମରଣୀୟ ମୁହୂର୍ତ୍ତର ଶଙ୍ଖଧ୍ୱନି । ମୋର ପ୍ରକାଶିତ ସମସ୍ତ ପୁସ୍ତକ ଭିନ୍ନ ଭିନ୍ନ ଢଙ୍ଗର, ଭିନ୍ନ ଭିନ୍ନ ବାଗର, ଭିନ୍ନ ଭିନ୍ନ ରୂପର । ଅତଏବ ଏହି ଭିନ୍ନତାର ରଙ୍ଗ ମୋ' ପାଇଁ ଅତି ପ୍ରିୟ, ଅତି ଆପଣାର। ମୋ' ସହ ଯୋଡ଼ି ହୋଇଥିବା ଆଠଟି ପୁସ୍ତକର ଆପଣାପଣକୁ କେମିତି ବା ଅଲଗାପଣରେ ତଉଲିବି !

■ କୁହାଯାଉଛି ମାତୃଭାଷା ଏବେ ସଙ୍କଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇପାରିବ କି ?

■■ କୁହାଯିବା ପ୍ରକାରେ ଯଦି ମାତୃଭାଷା ସଂକଟରେ, ତେବେ ତା'ର ସମାଧାନର ମାର୍ଗ କବିତା ଆଧାରରେ କରାଯିବା ବି ସଂକଟ ଘେରରେ । କେବଳ କବିତା କ'ଣ ଏମିତି ସଂକଟଜନକ ପରିସ୍ଥିତିରୁ ଉଦ୍ଧାର କରିପାରିବାର ଏକମାତ୍ର ସମର୍ଥ ପ୍ରକ୍ରିୟା ! ସାହିତ୍ୟର ଅନ୍ୟାନ୍ୟ ବିଭାଗର ବିନା ସହଯୋଗିତାରେ ସଂକଟରେ ପଡ଼ିଥିବା ମାତୃଭାଷାକୁ ଉଦ୍ଧାର କରାଯାଇନପାରେ !

■ ଗୀତିକାରମାନେ କେବଳ ପ୍ରେମ, ପ୍ରଣୟ ଓ ପ୍ରାର୍ଥନାକୁ ନେଇ ଶବ୍ଦର କୋଣାର୍କ ଗଢ଼ନ୍ତି କାହିଁକି ? ତାଙ୍କ କବିତାରେ ସାମାଜିକ ସମସ୍ୟା ଆସିବାରେ ଅସୁବିଧା କେଉଁଠି ?

■■ ପ୍ରେମ ପ୍ରଣୟର ଧାରା ସ୍ୱଚ୍ଛ ମନ୍ଦାକିନୀ ପରି ବହି ବହି ଆସିଚି କାହିଁ କେତେ କାଳରୁ । ସେ'କାଳରୁ ଆଜିଯାଏ ଆମେ ସଭିଏଁ ସେଥିରେ ଆପ୍ଲୁତ । ମଣିଷର, ସମାଜର ଉନ୍ମେଷ ବେଳରୁ ହିଁ ପ୍ରେମର ଅଲୌକିକ ମଧୁର ସ୍ପର୍ଶରେ ଆମେ ଆମୋଦିତ, ଆହ୍ଲାଦିତ, ଆପ୍ୟାୟିତ। ଏଣୁ ପ୍ରେମ ବିନା ଜୀବନକୁ ମାପିବା ଦୁରୂହ। ପ୍ରେମ ପ୍ରଣୟର ଅଫୁରନ୍ତ ଉଚ୍ଛ୍ୱାସରେ ଜୀବନ ହୁଏ ସୁଖମୟ, ମଧୁମୟ, ପ୍ରୀତିମୟ। ସେମିତି କରୁଣାସାଗରଙ୍କଠାରୁ କରୁଣା ଭିକ୍ଷା କରି ଜୀବନକୁ ସରସ ସୁନ୍ଦର କରିବାକୁ ବିଭୁ ପାଦପଦ୍ମରେ ପ୍ରାର୍ଥନା ନିହାତି ଆତୁର ଆବଶ୍ୟକତା। ଏଥିପାଇଁ ତ ଗୀତିକବିଟିଏ ତା'ର ଶବ୍ଦର ଇଟାବାଲିରେ ପ୍ରେମ, ପ୍ରଣୟ, ପ୍ରାର୍ଥନାର ଇମାରତ୍ ତୋଳିବାରେ ନିଜକୁ ସଅଁପିଥାଏ । ବିଭିନ୍ନ ସାମାଜିକ ସମସ୍ୟାକୁ ଆଧାର କରି ଗୀତିକବିତା ଲେଖାଯାଉନି କହିବା, ସତ୍ୟର ଅପଳାପ ମାତ୍ର । ଗୀତିକବିତାର କାନ୍‌ଭାସରେ ତ ଜୀବନ ଜଗତର ଭିନ୍ନଭିନ୍ନ ପରିବେଶ, ପରିସ୍ଥିତି ତଥା କ୍ରିୟା ପ୍ରତିକ୍ରିୟାର ଛବି ବେଶ୍ ସୁସ୍ପଷ୍ଟ ଭାବେ ଚିତ୍ରିତ ହୋଇଥାଏ। ଏଣୁ ସାମାଜିକ ସମସ୍ୟାର ଅର୍ଗଳରୁ ସେ' ବା ବାଦ୍ ଯିବ କିପରି ? ଗୀତିକବିଟି ପ୍ରତିଟି ମୁହୂର୍ତ୍ତରେ ମଣିଷ, ସମାଜ, ସମସ୍ୟା, ପ୍ରକୃତି, ଜୀବନ, ଜଗତକୁ ତନ୍ନ ତନ୍ନ କରି ନିରୀକ୍ଷଣ କରେ ଓ ପରେ ପରେ ତା'ର ହୃଦୟର ସ୍ପନ୍ଦିତ ଶବ୍ଦରେ ଆମ ଆଗରେ ବାଢ଼ିଦିଏ। ଗୀତିକବିଟିର ସୃଷ୍ଟି ସମସ୍ତଙ୍କ ପାଇଁ ଏବଂ ସମସ୍ତଙ୍କର।

■ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ମୁଁ ବହୁତ ଆଶାବାଦୀ । ବର୍ଷସାରା ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାରରେ ଉଣା ନାହିଁ ତ ! ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଆ ସାହିତ୍ୟର ଉତ୍ତରଣରେ ପ୍ରାୟତଃ ସଭିଏଁ ସାମିଲ । ଆଜିକାର ବସ୍ତୁବାଦୀ ସମୟର ପ୍ରାବଲ୍ୟରେ ସାଧାରଣ ମଣିଷଟିଏ ଜଞ୍ଜାଳଗ୍ରସ୍ତ ଜୀବନରେ ଆକ୍ରାନ୍ତାକ୍ତା ହେଉଥିଲାବେଳେ ତା'ପାଖରେ ମନୋରଞ୍ଜନର ଅନେକ ମାଧ୍ୟମ ଅଛି । ତେଣୁ ହୁଏତ ସାହିତ୍ୟ ପାଇଁ ସେ' ସମୟ କାଢ଼ିପାରୁନି ଅବା ଇଚ୍ଛା କରୁନାହିଁ । ସାଧାରଣ ଲୋକଟିକୁ ସାହିତ୍ୟମନସ୍କର ଧାରାରେ ଆଣିବା ପାଇଁ ଜଣେ ସାହିତ୍ୟିକ ବନ୍ଧୁର ନିରୋଳା ସହାୟତା ନିହାତି ଜରୁରୀ। ଏତିକି ଯଦି ଆମେ ନିଃସ୍ୱାର୍ଥ ଭାବରେ ନିଷ୍ଠାର ସହ କରିବାକୁ ଆଗଭର ହୋଇପାରିବା, ତେବେ ସାଧାରଣ ପାଠକକୁ ସାହିତ୍ୟ ପାଖରେ ପହଞ୍ଚାଇବାକୁ ଅସୁବିଧା ହେବନି ବୋଲି ମୋ'ର ଆଶା ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାରର ଗୁରୁତ୍ୱ କାଳେ କାଳେ ଅଛି । ଏହା ଏକ ସାରସ୍ୱତ ସାମାଜିକ ସ୍ୱୀକୃତି । ସାହିତ୍ୟ ମାଧ୍ୟମରେ ସୁସ୍ଥ, ସୁନ୍ଦର, ସମାଜର ପରିକଳ୍ପନା ଫଳପ୍ରସୂ ହେବା ସଙ୍ଗେ ସଙ୍ଗେ ସାରସ୍ୱତ ଭାବବନ୍ଧନର ବିରଳ ବିମଳ ବାସ୍ନା ଚହଟି ଉଠୁ।

♥♥

■ ଅଳ୍ପରେ ମନୋଜ ପଟ୍ଟନାୟକ

ଜନ୍ମ - ୪ ଜୁନ୍ ୧୯୫୫
ବାପା- ସ୍ୱର୍ଗତ ଗୋପୀନାଥ ପଟ୍ଟନାୟକ
ମାଆ- ସ୍ୱର୍ଗତ ପ୍ରତିମା ପଟ୍ଟନାୟକ
ଠିକଣା: 'ଆଶ୍ରୟ'
ପ୍ଲଟ ନଂ ଡି/୯୯, ସେକ୍ଟର - ୭
ମକର୍ତ୍ତ ନଗର, କଟକ - ୭୫୩୦୧୪
(ମୋ) ୯୪୩୭୩୮୬୦୦୩ / ୭୩୮୧୩୦୮୫୫

ପ୍ରକାଶିତ ପୁସ୍ତକ:

କ୍ଷୁଦ୍ରଗଳ୍ପ ସଙ୍କଳନ
୧- ହସର ରଙ୍ଗ ଲାଲ୍

ଗୀତିକବିତା ସଙ୍କଳନ
୧- ଗୋଟିଏ ନୀଡ଼ ଅନେକ ଝଡ଼
୨- ଜୀବନ ପର୍ବ
୩-ତୁମେ
୪-ହୃଦୟର ଅଭିସାର
୫- ଜ୍ୟୋସ୍ନାରାତିର ବାସ୍ନା
୬- ସନେଟ୍ : ତୁମ ପାଇ

ପ୍ରବନ୍ଧ ପୁସ୍ତକ
୧- ବିକାଶପର୍ବରେ ସାମ୍ପ୍ରତିକ ଓଡ଼ିଆ ଗୀତିକବିତା

ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ମନୋଜ ପଟ୍ଟନାୟକ...



ସୁଖୀ ପରିବାର : ପରିବାର ସଦସ୍ୟଙ୍କ ସହ କବି ମନୋଜ ପଟ୍ଟନାୟକ.....



ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ଗ୍ରହଣର ମହାର୍ଘ ମୁହୂର୍ତ୍ତ...

ପ୍ରଥମ ବିଦେଶ ଯାତ୍ରା

ନନ୍ଦିତା ମହାନ୍ତି

ମୋ ଝର୍କାରୁ ଆମେରିକା...

ଭାଗ-୨୪

'ସାଲଭେସନ ଆର୍ମୀ' ସମାଜସେବା କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା । ଏହି ସଂସ୍ଥା ପ୍ରଥମେ ଖ୍ରୀଷ୍ଟିୟାନ ପ୍ରୋଟେଷ୍ଟାଣ୍ଟମାନଙ୍କ ଦ୍ୱାରା ଲଣ୍ଡନରେ ସ୍ଥାପିତ ହୋଇଥିଲା ପରେ ତାହା ଆମେରିକାରେ ସ୍ଥାପିତ ହୋଇ ଏବେ ପୃଥିବୀର ଅନେକ ସ୍ଥାନରେ ସମାଜସେବା କ୍ଷେତ୍ରରେ କାମ କରୁଛି । + + + + ସେଇ ବୃଦ୍ଧଙ୍କ ପରି ପରିବାରହୀନ, ବାସହୀନ, ବେସାହାରା ଲୋକଙ୍କୁ ଥଇଥାନ କରିବା ଓ ସେମାନଙ୍କର ଯତ୍ନ ନେବା ସେମାନଙ୍କର ମୁଖ୍ୟ କାର୍ଯ୍ୟ ।

ରାତି ଅନେକ ହୋଇ ଯାଇଥିଲା । ଆମେ ଚାଲି ଚାଲି ଯାଇ ପହଞ୍ଚିଲୁ ସବୱେ୍ରରେ । ଟାଇମ ସ୍କୋୟାରର ୪୨ ତମ ଗଳି ନିକଟରେ ରହିଛି ଏହାର ପ୍ରବେଶପଥ । ଏବେ ବି ସବୱେ୍ର ଗହଳିଚହଳି ପୂର୍ବ ପରି ଥିଲା । ନ୍ୟୁୟର୍କରେ ଯେ କେବେ ରାତି ହୁଏନା ଏକଥା ସବୱେ୍ର ଗହଳି ଦେଖିଲେ ବୁଝି ହେଉଥିଲା । ଟ୍ରେନ ଆସୁଥିଲା, ଯାଉଥିଲା । ଲୋକ ଓହ୍ଲାଉଥିଲେ, ଚଢୁଥିଲେ । ସମସ୍ତେ ଥିଲେ ତରତର । ଯେମିତି ଗନ୍ତବ୍ୟସ୍ଥଳିରେ ପହଞ୍ଚିବା ପାଇଁ ବ୍ୟଗ୍ର ଓ ବ୍ୟସ୍ତ । କାହା ପାଖରେ କ୍ଷଣେ ଅଟକି ଯିବାର ଫୁରସତ ନାହିଁ । ମୁଁ ଚାଲୁ ଚାଲୁ ସେମାନଙ୍କୁ ଅନିଶା କରୁଥିଲି । କେତେ ରଙ୍ଗରୂପର ମଣିଷ । ବୁଢାଟୋକା , ବୃଦ୍ଧା-ଯୁବତୀ । ବୁଢାମାନେ ବୃଦ୍ଧ- ବୃଦ୍ଧା ଚାଲିରେ ଟିକେ ଶିଥିଳତା । ଟୋକାଙ୍କର ଲୟ ପାହୁଣ୍ଡ ପକେଇ ଚାଲି । ଆଉ ଯୁବତୀମାନେ .....ଲମ୍ବା ପେନସିଲ ହିଲକୁ ଠକ ଠକ କରି ସୁନ୍ଦରୀ ତରୁଣୀମାନେ ଦୌଡିଲା ପରି ଚାଲୁଥାନ୍ତି । ସେମାନଙ୍କୁ ଦେଖି ମୋତେ ଭୟ ଲାଗୁଥିଲା । ପଡି ଯିବେନାହିଁ ତ । କିନ୍ତୁ ନା .....କି ସନ୍ତୁଳନ ସେ ଚାଲିରେ । ସତରେ ଅଭ୍ୟସ ବଳରେ ସବୁ କିଛି ସମ୍ଭବ । କେବେ କେଉଁଠି ଦେଖିଥିଲି, ବନ୍ୟ ଜୀବଜନ୍ତୁଙ୍କ ଭୟରେ , କେଉଁ ଏକ ଆଫ୍ରିକୀୟ ଦେଶରେ ପିଲା ଠାରୁ ବୁଢା ଯାଏ ସମସ୍ତେ ପାଦରେ ଦଶ ଫୁଟ ଲମ୍ବା ବାଉଁଶ ଲଗେଇ ଚାଲନ୍ତି । ଓଡିଶାରେ ବି ରଣପା ଲଗେଇ ନାଚ କରିବାର ଦେଖିଛି ମୁଁ । ମନେ ମନେ ହସିଲି ମୁଁ ..... ଆମକୁ ସବୱେ୍ର ଧରି ନ୍ୟୁୟର୍କର ପେନ ଷ୍ଟେସନ ଯିବାର ଥିଲା, ଯେଉଁଠାରୁ ଆମକୁ ମିଳିବ ନ୍ୟୁଜର୍ଶୀ ଯିବାକୁ ଟ୍ରେନ । ଆମେ ପ୍ଲାଟଫର୍ମ ଉପରେ ଚାଲୁଥିଲୁ । ହଠାତ ଜଣେ ଲୋକ ଆମ ସାଙ୍ଗେ ସାଙ୍ଗେ ଚାଲିବାକୁ ଲାଗିଲା । ସିଏ ଚାଲୁ ଚାଲୁ ଚିକୁଙ୍କୁ କିଛି କହୁଥାଏ । ପୁଣି ଆଗେଇ ଯାଇ ସାମ୍ନାରେ ଚାଲୁଥିବା ଲୋକକୁ କିଛି କହୁଥାଏ । ପୁଣି ଫେରି ଆସୁଥାଏ ଚିକୁଙ୍କ ପାଖକୁ । ଡେଙ୍ଗା ହେଇ ପତଳା ଲୋକଟେ । ମଧ୍ୟବୟସ୍କ । ଦେହରେ ସାଧାରଣ ପୋଷାକ । ହେଲେ ସିଏ କହୁଛି କଣ ? ଚିକୁ ଆଗରେ ଚାଲିଥାନ୍ତି, ମୁଁ ଓ ଝିଅ ତାଙ୍କ ପଛରେ ଚାଲିଥାଉ । ଦିନ ସାରା ବୁଲାବୁଲି କରି ଥକି ପଡିଥାଉ ଆମେ । ହେଲେ ଲୋକଟି କଣ କହୁଛି ଶୁଣିବା ପାଇଁ ମୁଁ ଟିକେ ଆଗେଇଗଲି । ତା କଥାରୁ ମୁଁ ଦୁଇଟି ଶବ୍ଦ ବୁଝିପାରିଲି ମ୍ୟାକଡି ଓ ବିଲ କହୁଥାଏ । ଦେଖିଲି ଚିକୁ ପକେଟରୁ ପର୍ସ ବାହାରକରି ତା ହାତକୁ ବଢେଇଦେଲେ ଗୋଟେ ୱାନ ଡଲାର ନୋଟ । ଲୋକଟା ହାତ ହଲେଇ, 'ଥ୍ୟାଙ୍କସ ବ୍ରୋ' କହି ଚାଲିଗଲା ।

ମୁଁ ଚିକୁଙ୍କୁ ପଚାରିଲି , 'ତାକୁ କାହିଁକି ପଇସା ଦେଲ ? ସିଏ କଣ କହୁଥିଲା ?"

ଚିକୁ କହିଲେ ସିଏ ପଇସା ମାଗୁଥିଲା । ଆମେରିକାରେ ନୋଟକୁ ବିଲ କୁହନ୍ତି, ଯେମିତି ୱାନ ଡଲାର ବିଲ, ଟୁ ଡଲାର ବିଲ ଇତ୍ୟାଦି .....। ଆଉ ସିଏ ପଇସା ମାଗୁଥିଲା ମ୍ୟାକଡି ଅର୍ଥାତ ମ୍ୟାକଡୋନାଲ୍ଡରେ ଖାଇବ ବୋଲି । କହିବା ବାହୁଲ୍ୟ ଆମେରିକାରେ ମ୍ୟାକଡୋନାଲ୍ଡରେ ଖାଇବା ସବୁଠାରୁ ଶସ୍ତା ଅନ୍ୟ ସବୁ ଦୋକାନ ଅପେକ୍ଷା । ପାଞ୍ଚ ଡଲାର ଦେଲେ ଜଣେ ଗୋଟେ ବଡ ଆକାରର ପିଜା ଖାଇପାରିବ ସେଠାରେ ଯାହା ଅନ୍ୟ ଖାଦ୍ୟ ଠାରୁ ଅପେକ୍ଷାକୃତ ଶସ୍ତା । ଆଉ ଏମିତି ପାଞ୍ଚ ଜଣଙ୍କ ଠାରୁ ଗୋଟେ ଗୋଟେ ଡଲାର ମିଳିଗଲେ ତାର ରାତିର ଖାଇବା ହେଇଗଲା ।

ଆମ ଦେଶରେ ଯେମିତି ଭିକାରି ଥାଆନ୍ତି, ଏମାନେ ସେମିତି ଆମେରିକାନ ଭିକାରି । ମାଗିଯାଚି ଚଳନ୍ତି ସେମାନେ । ଯଦିଓ ଆମେରିକାରେ ଭିକ ମାଗିବା ନ୍ୟାୟସଙ୍ଗତ ନୁହେଁ ହେଲେ ରାସ୍ତାଘାଟରେ ଲୋକଙ୍କୁ ମାଗିବାକୁ ପଛାନ୍ତିନାହିଁ ଏମାନେ, ବିଶେଷକରି ଆମ ପରି ଲୋକଙ୍କ ଠାରୁ । ପୂର୍ବରୁ ମୁଁ ଆମେରିକାର ଏକ ପାର୍କିଂ ନିକଟରେ ଜଣେ ଲୋକକୁ ବସିଥିବାର ଦେଖିଥିଲି ଯିଏ ଗୋଟିଏ କାର୍ଡବୋର୍ଡକୁ ଦୁଇ ହାତରେ ଧରି ରାସ୍ତା କଡରେ ବସିଥିଲା, ଯେଉଁଥିରେ ଲେଖାଥିଲା 'ହୋମଲେସ' ବା 'ବାସହୀନ'। ତା ସାମ୍ନାରେ ଥୁଆ ହୋଇଥିଲା ଗୋଟିଏ ଟୋପି । ଯେଉଁଥିରେ ଯିଏ ଚାହିଁବ ସେଥିରେ ପଇସା ପକେଇପାରିବ। ସାଧାରଣତଃ ଆମେରିକାରେ ଭିକାରିମାନଙ୍କୁ ହୋମଲେସ ବ ବାସହୀନ ବୋଲି କୁହାଯାଏ । ଏମାନେ କେଉଁଠି ବସି ଭିକ ମାଗି ପାରିବେ ଓ କେତେ ସମୟ ସେଠାରେ ବସି ପାରିବେ ତା ପାଇଁ ମଧ୍ୟ ଆଇନ ରହିଛି । ଆମେରିକାରେ ଯିଏ ଯେଉଁଠି ଇଚ୍ଛା ସେଇଠି ବସି ଭିକ ମାଗିପାରିବ ନାହିଁ । ବସିବା ପାଇଁ ସ୍ଥାନୀୟ ଅଥରିଟି ଠାରୁ ପରମିସନ ନେବାକୁ ହେବ । ଭିକାରିମାନେ କାହାକୁ ମୁହଁ ଖୋଲି କିଛି ମାଗିପାରିବେ ନାହିଁ କିମ୍ବା ଲୋକଙ୍କୁ କିଛି ଦେବା ପାଇଁ ବାଧ୍ୟ ମଧ୍ୟ କରିପାରିବେ ନାହିଁ । ଏମିତି ମୁହଁ ଖୋଲି ମାଗିବା କିମ୍ବା ଜବରଦସ୍ତି କରିବାକୁ ସେଠାରେ 'ଆଗ୍ରେସିଭ ପାନହ୍ୟାଣ୍ଡଲିଂ' ବୋଲି କୁହାଯାଏ ଯାହା ଆଇନ ଅନୁଯାୟୀ ଦଣ୍ଡନୀୟ । ସେଠାରେ ବସଷ୍ଟପ, ରେଲଷ୍ଟେଷ୍ଟେସନ, ଚର୍ଚ୍ଚ, ରାସ୍ତାକଡ କିମ୍ବା ପବ୍ଲିକ ସ୍ଥାନରେ ଭିକମାଗିବା ଆଇନସଙ୍ଗତ ନୁହେଁ । ସେପରି କଲେ ତାଙ୍କୁ ଜେଲ ଓ ଜୋରିମାନା ଉଭୟ ହୋଇପାରେ । ତାହେଲେ ପ୍ରଶ୍ନ ଉଠେ ଆମେରିକା ପରି ଏକ ବିକଶିତ ଦେଶରେ କଣ ଲୋକମାନେ ଭୋକଉପାସରେ ମରୁଥିବେ । ନା ତାହା ସତ୍ୟ ନୁହେଁ ।

ହୋମଲେସ ଓ ସ୍ୱଳ୍ପ ରୋଜଗାର କରୁଥିବା ଲୋକଙ୍କ ପାଇଁ ଅନେକ ବ୍ୟବସ୍ଥା ରହିଛି ସେଠାରେ । ଯେହେତୁ ଆମେରିକାର ଅନେକ ସ୍ଥାନରେ ପ୍ରବଳ ଥଣ୍ଡା ପଡିଥାଏ ସେଥିପାଇଁ ଘର ନଥିବା ଲୋକଙ୍କ ପାଇଁ ନାଇଟ ଷ୍ଟେ'ର ବ୍ୟବସ୍ଥା ରହିଛି । ବାସହୀନ ଲୋକମାନେ ସେଠାରେ ରାତି କଟେଇପାରିବେ । କିନ୍ତୁ ସ୍ଥାୟୀ ଭାବରେ ରହିପାରିବେ ନାହିଁ । ପ୍ରତିଦିନ ସନ୍ଧ୍ୟାରେ ସେମାନଙ୍କୁ ରାତିରହଣି ପାଇଁ ରାତ୍ରି ଆଶ୍ରୟସ୍ଥଳୀକୁ ଯିବାକୁ ହେବ ଓ ସକାଳ ହେଲେ ନିତ୍ୟକର୍ମ ସାରି ସେ ସ୍ଥାନ ଛାଡିବାକୁ ହେବ । ବୃଦ୍ଧ ଓ ଅକ୍ଷମ ଲୋକଙ୍କ ପାଇଁ ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ ଯୋଗାଇବାର ବନ୍ଦୋବସ୍ତ ଅଛି । ତା'ଛଡା ସ୍ୱଳ୍ପ ଆୟ କରୁଥିବା ଲୋକଙ୍କ ପାଇଁ ରହିଛି ଫୁଡ-ଷ୍ଟାମ୍ପ ବା ଖାଦ୍ୟକୁପନର ବ୍ୟବସ୍ଥା । ଏହାକୁ ଏବେ ସପ୍ଲିମେଣ୍ଟାଲ ନ୍ୟୁଟ୍ରିସନ ଆସିଷ୍ଟାନ୍ସ ପ୍ରୋଗ୍ରାମ 'ସ୍ନାପ' ବୋଲି କୁହାଯାଉଛି । ଏହି ପ୍ରୋଗ୍ରାମରେ ଫୁଡ କୁପନ ପାଇବା ପାଇଁ ଉପଯୁକ୍ତ ବ୍ୟକ୍ତିକୁ ଗୋଟିଏ କାର୍ଡ ମିଳେ ଯେଉଁଥିରେ ମାସକୁ ମୁଣ୍ଡ ପିଛା ପାଖାପାଖି ୨୯୦ ଡଲାର ହିସାବରେ ସରକାରଙ୍କ ତରଫରୁ ପଇସା ଆସେ ଯାହାକୁ ଦେଖାଇ କିଛି ନିର୍ଦ୍ଧାରିତ ଦୋକାନରୁ ଖାଦ୍ୟପଦାର୍ଥ କିଣିହୁଏ ଆଉ ପଇସା ସେହି କୁପନରୁ କଟେ । କେତେକ କ୍ଷେତ୍ରରେ ଏହି କୁପନ ପାଠ ପଢା ସାରି ବେକାର ଥିବା ଯୁବକ/ଯୁବତୀଙ୍କୁ ମଧ୍ୟ ମିଳିଥାଏ ।

ମୁଁ ନ୍ୟୁଜର୍ଶୀ ଆସିବା ପରେ ସବୁଦିନ ସନ୍ଧ୍ୟାରେ ଘେରାଏ ବୁଲିବାକୁ ଯାଏ ସନ୍ଧ୍ୟାବେଳେ । ଝିଅର ଆପାର୍ଟମେଣ୍ଟରୁ ବାହାରି ଡାହାଣପଟକୁ ମୋଡିଗଲେ ଠିକ୍ ୧୦୦ ମିଟର ପରେ ଅଛି ଏକ ପାର୍କ । ଏସେକ୍ସ କାଉଣ୍ଟି ୱାଟରସେିଂ ପାର୍କ । ଯେଉଁଠି ପିଲାମାନଙ୍କ ପାଇଁ ଅଛି ଏକ ଛୋଟ ପାର୍କ, ବାସ୍କେଟ ବଲ କୋର୍ଟ, ସକର ବା ଫୁଟବଲ ପଡିଆ ଇତ୍ୟାଦି । ଆଉ ତା ଛଡା ଅଛି ଶହ ଶହ ସଖ୍ୟରେ ବଡ ଗଛ । ଗଛଗୁଡିକ ଏତେ ବଡ ଯେ ଲାଗିବ ଯେମିତି ଆକାଶକୁ ଛୁଇଁବ ଛୁଇଁବ ହେଉଛି । ମୁଁ ପ୍ରଥମେ ଭାବିଥିଲି ଏଇ ଗଛର ପ୍ରଜାତି ବୋଧହୁଏ ସେଇଆ । ଏଗୁଡିକ ଲମ୍ବ ଆକାରରେ ବଢନ୍ତି । କିନ୍ତୁ ପରେ ମୋର ଏହି ଧାରଣା ମୋର ଭୁଲ ପ୍ରମାଣିତ ହେଲା । ପ୍ରକୃତରେ ସେଇ ଗଛଗୁଡିକୁ ଲମ୍ବ ଭାବରେ ବଢିବାକୁ ଦେବା ପାଇଁ, ତାର ତଳୁ ପ୍ରାୟ ୧୦/୧୫ ଫୁଟ ଭିତରେ ଯେତେ ଡାଳ ବାହାରେ ତାକୁ ମେସିନ ଦ୍ୱାରା କାଟି ଦିଆଯାଏ । ସେଇ ଡାଳପତ୍ରକୁ ଗୋଟିଏ ମେସିନ ଭିତରେ ପୁରାଇ ତାକୁ ଟିକି ଟିକି ଖଣ୍ଡ କରି ଦିଆଯାଏ ଯାହାକୁ ଭଲଭାବରେ ଶୁଖାଇ ସେଥିରେ ବିଭିନ୍ନ ପ୍ରକାର ସାର ମିଶାଇ ଗଛ ମୂଳରେ ଦିଆଯାଏ । ଏହା ଦ୍ୱାରା ଦୁଇଟି ଲାଭ ହୁଏ । ଗଛ ସଳଖ ଭାବରେ ବଢିବା ଦ୍ୱାରା ଗୋଟିଏ ସ୍ଥାନରେ ଅନେକ ଗଛ ଲଗା ଯାଇପାରେ ତଥା ଗଛରୁ ସାଇଜିଆ ପଟା ମିଳିପାରେ ଯାହାକୁ ଘର ତିଆରି କରିବାରେ ମୁଖ୍ୟତଃ ଉପଯୋଗ କରାଯାଏ । ଦ୍ୱିତୀୟରେ ଗଛ ପାଇଁ ସାର ମିଳେ । ଆପଣ ଯେଉଁଠି ବି ଫୁଲଗଛ ବା ସୋ-ପ୍ଲାଣ୍ଟ ଦେଖିବେ ତାମୂଳରେ ଗୋଲାକାରରେ ସେଇ ଟିକି ଟିକି କାଠ ଖଣ୍ଡ ପଡିଥିବାର ଦେଖିପାରିବେ ।



ସେଇ ପାର୍କର ଗୋଟିଏ କୋଣରେ ଥିଲା ଗୋଟେ ଛୋଟ ଝରଣା ପରି ପାଣିର ଏକ ଝର । ଯେଉଁଠି ଥିଲେ ବତକଙ୍କର ଏକ ବଡ ଦଳ । ପାଖାପାଖି ୧୦୦ ଉପରେ ବତକ ଥିଲେ ସେଇ ଦଳରେ । ସେମାନେ ଶୀତଦିନେ କେଉଠି ଯାଇ ରୁହନ୍ତି କାହାକୁ ଜଣାନାହିଁ । କିନ୍ତୁ ଗ୍ରୀଷ୍ମ ହେବା କ୍ଷଣି ବାହାରିଆସି ବୁଲନ୍ତି ଏଇଠି । ତାଙ୍କର ସଂଘବଦ୍ଧ ହୋଇ ଢଳି ଢଳି ଚଳିବାର ଦୃଶ୍ୟ ମୋତେ ଖୁବ ଆକର୍ଷଣୀୟ ଲାଗେ । ଏଇ କିଛି ଦିନ ହେବ ମୁଁ ଜଣେ ବୁଢା ଲୋକଙ୍କୁ ଦେଖୁଛି ଏଠି । ବୟସ ପଞ୍ଚସ୍ତରୀ ଉପରେ ହେବ । ଦେହରେ ଦରମଇଳା ପ୍ୟାଣ୍ଟସାର୍ଟ ଓ ଜ୍ୟାକେଟ । ସିଏ କେବେ ପାର୍କର ବେଞ୍ଚରେ ବସିଥାନ୍ତି ତ କେତେବେଳେ ବସିଥାନ୍ତି ପାଣିଝର କଡରେ ଥିବା ବାଡା ଉପରେ । ତାଙ୍କ ନିକଟରେ ଥୁଆ ହୋଇଥାଏ ଗୋଟିଏ ଟ୍ରଲି । ଯେଉଁଥିରେ ଥାଏ କିଛି ଲୁଗାପଟା ଓ ବ୍ୟବହାର୍ଯ୍ୟ ଜିନିଷ । ସେଇ ଟ୍ରଲିର ସାମ୍ନାପଟେ ଗୋଟେ କାର୍ଡବୋର୍ଡ ଉପରେ ଲେଖାଥାଏ 'ହୋମ-ଲେସ' । ଆହାଃ ! ଏତେ ବୁଢା ଲୋକ ପୁଣି ହୋମ-ଲେସ ।ମୁଁ ମନେ ମନେ ଆକ୍ରାନ୍ତା ହେଉଥାଏ। କାରଣ ମୁଁ ଜାଣିଥାଏ ଆମେରିକାର ପାରିବାରିକ ବ୍ୟବସ୍ଥା ଆମ ଦେଶ ପରି ନୁହେଁ । ଯେଉଁଠି ନିଜର ଖୁସି ପାଇଁ ବାପମାଆ ନିଜ ପିଲାଙ୍କର ଖୁସିକୁ ଶୂଳିରେ ଚଢେଇ ଦିଅନ୍ତି ସେଠାରେ ଘରର ବୁଢାବୁଢୀଙ୍କ କଥା ବା ପଚାରେ କିଏ ! ତାପର ଦିନ ମୁଁ ପାର୍କକୁ ଗଲା ବେଳକୁ ସେଇ ବୃଦ୍ଧଜଣକ ପୂର୍ବପରି ବେଞ୍ଚ ଉପରେ ବସିଥାନ୍ତି, ପାଖରେ ଟ୍ରଲି ଥୁଆ ହୋଇଥାଏ । କିନ୍ତୁ ସିଏ ପୁରା ନିସ୍ତେଜ ଦିଶୁଥାନ୍ତି, ପ୍ୟାଣ୍ଟରେ ବୋଧହୁଏ ପରିଶ୍ରା କରି ଦେଇଥାନ୍ତି । ପ୍ୟାଣ୍ଟ ଓଦା ହୋଇ ଯାଇଥାଏ । ମୁଁ ତାଙ୍କ ପାଖକୁ ମୁହଁ ନେଇ 'ହାଲୋ' କହିଲି । କିନ୍ତୁ ସିଏ ମୋ କଥା ଶୁଣିଲା ପରି ମୋତେ ଲାଗିଲାନି । ମୁଁ ବିକଳ ହୋଇ ଚାରିଆଡେ ଚାହୁଁଥାଏ । ଲୋକମାନେ ବୁଲାବୁଲି କରୁଥାନ୍ତି କିନ୍ତୁ ସେଇ ବୃଦ୍ଧଙ୍କ ପ୍ରତି କାହାରି ନଜର ନଥାଏ। ମୋର କଣ କରିବା ଉଚିତ ମୁଁ ବୁଝି ପାରୁନଥାଏ । ଏଇ ସମୟରେ ଦୁଇ ଜଣ ଲୋକ ଗୋଟେ ଷ୍ଟ୍ରେଚର ନେଇ ପହଞ୍ଚିଲେ ସେଠାରେ । ତାଙ୍କୁ ଦେଖି ମୁଁ ଟିକେ ଘୁଞ୍ଚିଗଲି । ସେମାନେ ସେଇ ବୃଦ୍ଧଙ୍କୁ ଷ୍ଟ୍ରେଚରରେ ପକେଇ ନେଇଗଲେ । ଆଉ ଜଣେ ଲୋକ ତାଙ୍କର ଟ୍ରଲିକୁ ଗଡେଇ ଗଡେଇ ନେଇଗଲା ପାର୍କର ଗେଟ ବାହାରେ ଥିବା ଗାଡି ନିକଟକୁ । ସେଇ ଲୋକଙ୍କର ଡ୍ରେସ ପଛପଟେ ଲେଖିଥିଲା 'ସାଲଭେସନ ଆର୍ମି' । ତେବେ ଏମାନେ କଣ ସୈନିକ ?

'ସାଲଭେସନ ଆର୍ମୀ'' ସମାଜସେବା କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା । ଏହି ସଂସ୍ଥା ପ୍ରଥମେ ଖ୍ରୀଷ୍ଟିୟାନ ପ୍ରୋଟେଷ୍ଟାଣ୍ଟମାନଙ୍କ ଦ୍ୱାରା ଲଣ୍ଡନରେ ସ୍ଥାପିତ ହୋଇଥିଲା ପରେ ତାହା ଆମେରିକାରେ ସ୍ଥାପିତ ହୋଇ ଏବେ ପୃଥିବୀର ଅନେକ ସ୍ଥାନରେ ସମାଜସେବା କ୍ଷେତ୍ରରେ କାମ କରୁଛି । ଏମାନେ ଲୋକଙ୍କର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଦିଗରେ କାମ କରନ୍ତି । ସେଇ ବୃଦ୍ଧଙ୍କ ପରି ପରିବାରହୀନ, ବାସହୀନ, ବେସାହାରା ଲୋକଙ୍କୁ ଥଇଥାନ କରିବା ଓ ସେମାନଙ୍କର ଯତ୍ନ ନେବା ସେମାନଙ୍କର ମୁଖ୍ୟ କାର୍ଯ୍ୟ ।

ଆମେ ଏବେ ପେନ ଷ୍ଟେସନରେ ପହଞ୍ଚି ଯାଇଥିଲୁ । ଏଠାରୁ ଆମକୁ ନ୍ୟୁଜର୍ଶୀ ପାଇଁ ଟ୍ରେନ ନେବାକୁ ହେବ । ଆମ ଟ୍ରେନ ୧୦ ମିନିଟରେ ପହଞ୍ଚିବ ଷ୍ଟେସନରେ । ଷ୍ଟେସନରେ କିଣାକିଣି ପାଇଁ ଥିଲା ବିଭିନ୍ନ ପ୍ରକାରର ଷ୍ଟୋର । ଟିକେ ଦୂରରେ ଚାରିପାଞ୍ଚ ଜଣ ସ୍ତ୍ରୀପୁରୁଷ ମିଶି ବିଭିନ୍ନ ବାଦ୍ୟଯନ୍ତ୍ର ବଜେଇ ଉଚ୍ଚ ସ୍ୱରରେ ଗୀତ ଗାଉଥିଲେ । କିଛି ଲୋକ ସେଠାରେ ଛିଡା ହୋଇ ଗୀତ ଶୁଣୁଥିଲେ । କେହି କେହି ଗଲାବେଳେ ତଳେ ଥିବା ଗୋଟେ ପାତ୍ରରେ କିଛି ପଇସା ପକେଇ ଦେଇ ଯାଉଥିଲେ । ତାଙ୍କୁ ଦେଖି ମୁଁ ମନେ ମନେ ଭାବୁଥିଲି ଦେଶ ବଦଳିଗଲେ କଣ ସତରେ ଜୀବନ ବଦଳିଯାଏ ? ଜୀବନ ଚିରକାଳ ଏମିତି କାଠଗଡାରେ ଛିଡା ହୋଇଥାଏ । ତେଣିକି ତାହା ଆମେରିକା ହେଉ ବା ଭାରତ ।

(ଆରଥରକୁ)

❤ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୨୬

ଅଥ ଜଗନ୍ନାଥ କଥା

ମୂଳ ବଙ୍ଗଳା :: ଅଜୟ ବିଶ୍ୱାସ
ଅନୁବାଦ :: ପ୍ରଦୀପ କୁମାର ରାୟ

ଗୋଟିଏ ପାଖରେ ଗୁଣ୍ଡିଚା ମନ୍ଦିର । ଅନ୍ୟ ପାଖରେ ଶ୍ରୀମନ୍ଦିର । ମଝିରେ ବୋହି ଚାଲିଛି ମାଳିନୀ ନଦୀ। ଭାର୍ଗବୀର ଉପନଦୀ, ମାଳିନୀ ଯାଇ ମିଶିଛି ବଙ୍ଗୋପସାଗରରେ ।

ରଥଯାତ୍ରା ବେଳେ ମୋଟ ଛଅଗୋଟି ରଥ ନିର୍ମାଣ କରାଉଥିଲେ ରାଜା ଇନ୍ଦ୍ରଦ୍ୟୁମ୍ନ । ଶ୍ରୀମନ୍ଦିରରୁ ତିନୋଟି ରଥରେ ବିଗ୍ରହମାନେ ବିରାଜମାନ ହେବା ପରେ ମାଳିନୀ ନଦୀ କୂଳକୁ ଆସୁଥିଲେ ଭକ୍ତମାନଙ୍କ ଗହଣରେ । ବାଲି ଉପରେ ରଥ ଟାଣିବା ଅତ୍ୟନ୍ତ କଷ୍ଟକର ହେଉଥିଲା। ମାଳିନୀ ନଦୀ କୂଳରେ ପହଞ୍ଚିବା ପରେ ବଡ଼ ବଡ ନୌକାରେ ଶ୍ରୀବିଗ୍ରହମାନଙ୍କୁ ବସାଇ ନଦୀର ଅପରପାର୍ଶ୍ୱକୁ ନିଆଯାଉଥିଲା। ସେଠାରୁ ପୁଣି ରଖାଯାଇଥିବା ତିନୋଟି ରଥରେ ବିଗ୍ରହମାନେ ବିଜେ କରୁଥିଲେ । ଭକ୍ତମାନେ ହରିବୋଲ, ହୁଳହୁଳି, ଖୋଳ କରତାଳ ବଜାଇ ଶଙ୍ଖ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରି ରଥ ଟାଣି ନେଉଥିଲେ ଗୁଣ୍ଡିଚା ମନ୍ଦିର ପାଖକୁ ।

ଜନଶ୍ରୁତି ଅନୁସାରେ, ଏଭଳି ଭାବରେ ବର୍ଷ ପରେ ବର୍ଷ ରଥଯାତ୍ରା ଅନୁଷ୍ଠିତ ହେଉଥିଲା। କିନ୍ତୁ ଶ୍ରୀମନ୍ଦିରରୁ ମାଳିନୀ ନଦୀର କୂଳକୁ ଏବଂ ପୁଣି ମାଳିନୀ ନଦୀର ଅପର କୂଳରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ କଷ୍ଟକର ରଥଯାତ୍ରା ତ୍ରୟୋଦଶ ଶତକର ଗଜପତି ମହାରାଜା ଭାନୁଦେବଙ୍କର ପାଟରାଣୀ ଶାରଦା ଦେବୀଙ୍କୁ ବିବ୍ରତ କରି ଖୋଲୁଥିଲା । ଅନେକ ଚିନ୍ତା କରିବା ପରେ ସେ ମନସ୍ଥ କଲେ, ବାଲିରେ ମାଳିନୀ ନଦୀ ଶଯ୍ୟାକୁ ପୋତି ପକାଇବେ । ପରବର୍ତ୍ତୀ ରଥଯାତ୍ରା ପୂର୍ବରୁ ଏହି କାର୍ଯ୍ୟ ସମାପ୍ତ କରିପାରିଲେ ପ୍ରଭୁମାନେ ରଥରେ ବିରାଜମାନ ହୋଇ ଶ୍ରୀମନ୍ଦିରରୁ ସିଧା ଆସି ଗୁଣ୍ଡିଚା ମନ୍ଦିର ପାଖରେ ପହଞ୍ଚି ପାରିବେ।

ମହାରାଜାଙ୍କୁ ତାଙ୍କର ଏହି ପ୍ରସ୍ତାବ ଜଣାଇବା ମାତ୍ରେ ମହାରାଜା ଆଶ୍ଚର୍ଯ୍ୟ ଚକିତ ହୋଇ କେବଳ ଚାହିଁ ରହିଲେ ରାଣୀଙ୍କୁ । ତୁମର କ'ଣ ମାନସିକ ବିକୃତି ଘଟିଛି ! ଗୋଟିଏ ନଦୀକୁ ପୋତି ଦେବା କ'ଣ ସହଜ କଥା ?

କିନ୍ତୁ ମହାରାଣୀଙ୍କର ଜିଦ୍ ଆଗରେ ହାର ମାନିଲେ ରାଜା । ରାଜକୋଷରୁ ଅର୍ଥ ବରାଦ କରିବାକୁ ପଡିଲା । ମହାରାଣୀ ସାରଦା ଦେବୀଙ୍କ ତତ୍ତ୍ୱାବଧାନରେ ଦିନେ ସେହି କାର୍ଯ୍ୟ ସମ୍ପନ୍ନ ମଧ୍ୟ ହେଲା। ଗୁଣ୍ଡିଚା ମନ୍ଦିର ଠାରୁ ଶ୍ରୀମନ୍ଦିର ଯାତ୍ରା ପଥ ସୁଗମ ହେଲା । ସେହି ପଥ 'ବଡ଼ଦାଣ୍ଡ' ନାମରେ ପରିଚିତ ହେଲା ।

ଆନନ୍ଦରେ ଉଦ୍ୱେଳିତ ହେବାକୁ ଲାଗିଲା ରାଣୀଙ୍କର ମନ, ସ୍ୱୟଂ ଶ୍ରୀ ମହାବାହୁ ତାଙ୍କର ପ୍ରାର୍ଥନା ଶୁଣିଛନ୍ତି । ଏହା ଫଳରେ ଭକ୍ତମାନଙ୍କର ଗୁଣ୍ଡିଚା ଯାତ୍ରା ଯେମିତି ସହଜ ହେବ, ଠିକ୍ ସେହିପରି ମସୃଣ ହେବ ମହାପ୍ରଭୁଙ୍କର ରଥଯାତ୍ରା ।

ମହାରାଜା ଭାନୁଦେବ ମଧ୍ୟ ପ୍ରସନ୍ନ ହେଲେ। ମହାରାଣୀଙ୍କର ବୁଦ୍ଧି ଓ କର୍ମଦକ୍ଷତା ଉପରେ ତ ତାଙ୍କର ଆସ୍ଥା ଥିଲା। ଏହାପରେ ତାହା ଆହୁରି ବଢିଗଲା । ସେ ମହାରାଣୀଙ୍କ ଏହି କୀର୍ତ୍ତିକୁ ସ୍ମରଣୀୟ କରି ରଖିବା ପାଇଁ ଏହି ବାଲୁକା ପଥର ନାମ ରଖିଲେ 'ଶାରଦା ବାଲି'। ପରେ ତାହା ଲୋକମୁଖରେ 'ଶରଧା ବାଲି' ଭାବରେ ପ୍ରଚଳିତ ହେଲା । ଶ୍ରୀଜଗନ୍ନାଥଙ୍କର ଭକ୍ତମାନଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ନିକଟବର୍ତ୍ତୀ ଏହି ଶାରଦାବାଲି (ଶରଧାବାଲି)

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୨ ଜୁନ୍ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ମହାକାଶର ରହସ୍ୟ ଓ ଜୀବନର ସନ୍ଧାନ

ଉ ଡକ୍ଟର ଲକ୍ଷ୍ମଣ ସାହୁ

ବିଶ୍ୱ ସୃଷ୍ଟି ହେବା ଦିନଠାରୁ ମହାକାଶ ଏକ ରହସ୍ୟମୟ ବିଷୟ ହୋଇ ରହିଛି । ଯଦିଓ ମଣିଷ ଚନ୍ଦ୍ର, ମଙ୍ଗଳ ଓ ଅନ୍ୟାନ୍ୟ ଗ୍ରହରେ ପହଞ୍ଚିଛି । ତଥାପି ପୃଥିବୀ ବ୍ୟତୀତ ଅନ୍ୟ ଆଶ୍ଚର୍ଯ୍ୟଜନକ ଘଟଣା ଓ ଜୀବନର ସମ୍ଭାବନାର ଗଭୀରତା ଜାଣିବା ଓ ତାକୁ ବୁଝିବା ପାଇଁ ସମୟ ଲାଗିବ । ଆଗରୁ ଉଡ଼ନ୍ତା ପାତ୍ର ଓ ଏଲିଏନ୍ ବିଷୟରେ ଅନେକ ପ୍ରକାରର କାହାଣୀ ଶୁଣାଯାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ମହାକାଶର ରହସ୍ୟ ରୋମାଞ୍ଚରେ ପରିପୂର୍ଣ୍ଣ । ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୃଥିବୀ ବ୍ୟତୀତ ଅନ୍ୟ ଗ୍ରହରେ ଜୀବନ ଅଛି କି ? ଏହି ସମ୍ପର୍କରେ ଏକ ନୂତନ ଆବିଷ୍କାର ମହାକାଶ ବିଜ୍ଞାନ ଜଗତକୁ ଏକ ପ୍ରକାର ଆଶାର ଆଲୋକ ଦେଇଛି ।

ପ୍ରକୃତରେ ଷାଠିଏ ଦଶକରେ ଆଣ୍ଟାର୍କଟିକାର ଗବେଷଣା କେନ୍ଦ୍ରର ରେଡିଓ ଆଣ୍ଟେନା ରିସିଭର ପକ୍ଷୀଙ୍କ କିଚିରିମିଚିରି ଶବ୍ଦ ଶୁଣିଥିଲା । ଯାହାକୁ 'କୋରସ୍ ତରଙ୍ଗ' କୁହାଯାଏ । ଏହି ଶବ୍ଦଗୁଡ଼ିକ ନାସାର ଯୁଗ୍ମ ମହାକାଶଯାନ 'ଆଲାନ୍ ପ୍ରୋବ୍'ର ରେଡିଏସନ୍ ବେଲ୍ଟରେ ମଧ୍ୟ ଶୁଣାଯାଉଥିଲା । ପରେ ୨୦୧୫ ମସିହାରେ ନାସାର ଏକ ଉପଗ୍ରହ ମଧ୍ୟ ଏପରି ତରଙ୍ଗ ରେକର୍ଡ କରିଥିଲା । ଏପରି ରହସ୍ୟମୟ ଶବ୍ଦ, ରେଡିଓ ସିଗନାଲ, ଭାସମାନ ପାଣିର ଏକ ବିଶାଳ ଜଳଭଣ୍ଡାର ଦେଖିବା, ମହାକାଶଚାରୀମାନେ ଗୋଟିଏ ଦିନରେ ଅନେକ ଥର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦେଖିବା ପ୍ରକୃତରେ ରୋମାଞ୍ଚକର ହୋଇପାରେ । ବୈଜ୍ଞାନିକମାନେ ଏହି ରହସ୍ୟଗୁଡ଼ିକୁ ବୁଝିବା ପୂର୍ବରୁ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଜ୍ୟୋତିର୍ବିଜ୍ଞାନ ପ୍ରତିଷ୍ଠାନର ପ୍ରଫେସର ନିକ୍ଙ୍କ ମଧୁସୂଦନ ଆଶ୍ଚର୍ଯ୍ୟଜନକ ଆବିଷ୍କାର ଓ ତଥ୍ୟ ସହିତ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିଦେଇଥିଲେ । ତାଙ୍କର ଆବିଷ୍କାର ସାରା ବିଶ୍ୱରେ ଆଲୋଚନା ହେଉଛି । ତାଙ୍କ ଦଳ ଏପରି ରହସ୍ୟ ପ୍ରକାଶ କରୁଛି, ଯାହା ଅତି ପୁରୁଣା ଅଟେ ।

ପୃଥିବୀଠାରୁ ବହୁତ ଦୂରରେ ଏକ ବାହ୍ୟ ଗ୍ରହ ମିଳିଛି, ଯାହାକୁ କେ ୨- ୧୮ବି (**K2-18b**) ନାମ ଦିଆଯାଇଛି । ଏହା ନେପଚ୍ୟୁନ୍ ଠାରୁ ଛୋଟ । ଏକ ଲାଲ ତାରା ମଧ୍ୟ ମିଳିଛି, ଯାହା ଆକାର ଓ ବସ୍ତୁତ୍ୱରେ ସୂର୍ଯ୍ୟ ଠାରୁ ବହୁତ ଛୋଟ, ଥଣ୍ଡା ଓ ଦେଖିବାକୁ କମଳା ରଙ୍ଗର । ଏପରି ତାରା ସବୁଠାରୁ ସାଧାରଣ ଓ ଦୀର୍ଘକାଳୀନ । କେମ୍ବ୍ରିଜ୍ ଜ୍ୟୋତିର୍ବିଜ୍ଞାନୀ ପ୍ରଫେସର ମଧୁସୂଦନ ଓ ତାଙ୍କ ଦଳ ପାଖରେ ଏତେ ଦୃଢ଼ ପ୍ରମାଣ ଅଛି ଯେ ସେଠାରେ ଏପରି ଅଣୁର ସଙ୍କେତ ଥିଲା, ଯାହା ଏପର୍ଯ୍ୟନ୍ତ କେବଳ ପୃଥିବୀରେ ସମ୍ଭବ ବୋଲି ଭାବୁଥିଲା । ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏଗୁଡ଼ିକ କେବଳ ସାଧାରଣ ଜୀବାଣୁ ଦ୍ୱାରା ଉତ୍ପାଦିତ । କେ୨-୧୮ବି (**K2-18b**) ଆକାରରେ ପୃଥିବୀଠାରୁ ଅଢ଼େଇ ଗୁଣ ବଡ଼ ଓ ୭୦୦ ଟ୍ରିଲିୟନ ମାଇଲ୍ ଦୂରରେ । ଏହା ମଧ୍ୟ ଏପରି ଏକ ବାହ୍ୟ ଗ୍ରହ ଯାହା ଅନ୍ୟ ପିଣ୍ଡ ପରି ଘୂରି ବୁଲୁଛି ।

ଗବେଷଣା ଓ ଅଧ୍ୟୟନ ସମୟରେ ଏହା ଜଣାପଡ଼ିଲା ଯେ ଦୂର ସ୍ଥାନର ସେହି ପରିବେଶରେ ଥିବା ଦୁଇଟି ଅଣୁ ମଧ୍ୟରୁ ଗୋଟିଏରେ ରାସାୟନିକ ଛାପ ଅଛି, ଯାହା ଏପରି ପୃଥିବୀ-ରାସାୟନର ବୈଶିଷ୍ଟ୍ୟଗୁଡ଼ିକୁ ଦର୍ଶାଏ । ଏଥିରେ ଏହାର ମୌଳିକ କିମ୍ବା ସର୍ବବ୍ୟାପୀ ଯୌଗିକଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ । ସେସବୁ ଗଠନର ବିଶେଷତ୍ୱ ହେଉଛି ଯେ ଏଗୁଡ଼ିକ କେବଳ ଉଦ୍ଭିଦ ଓ ପ୍ଲାଙ୍କଟନ୍ ଅର୍ଥାତ୍ କୀଟପତଙ୍ଗ ମଧ୍ୟରେ ପାରସ୍ପରିକ କ୍ରିୟା ଦ୍ୱାରା ଗଠିତ । ସ୍ୱାଭାବିକ ଭାବରେ ଦେଖିବାକୁ ଗଲେ ଏହା ବିନା ସେଠାରେ ଜୀବନ ରହିବା ସମ୍ଭବ ହେବ ନାହିଁ । ସେଥିପାଇଁ ବିଶ୍ୱ ଏହି ଗବେଷଣା କିମ୍ବା ଆବିଷ୍କାର ପାଇଁ ଅଧିକ ମାତ୍ରାରେ ଉତ୍ସାହିତ ।

ନାସାର ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ୍ ମାଧ୍ୟମରେ ୧୨୦ ଆଲୋକ ବର୍ଷ ଦୂରରେ ଅବସ୍ଥିତ । ଏହି ବାହ୍ୟ ଗ୍ରହର ଆବିଷ୍କାର ଅଧିକ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ କରିବାର ସମ୍ଭାବନା ଯଥେଷ୍ଟ ଅଛି । ଗବେଷକମାନେ ଏଠାରେ ଡାଇମିଥାଇଲ୍ ସଲଫାଇଡ୍ (DMS) ନାମକ ଏକ ଗ୍ୟାସ୍ ପାଇଛନ୍ତି । ଏହି ଗ୍ୟାସ୍ କେବଳ ଜୈବିକ ପ୍ରକ୍ରିୟା ମାଧ୍ୟମରେ ପୃଥିବୀରେ ଗଠିତ ହୁଏ । ଏହା ସୂଚାଇ ଦିଏ ଯେ ସେହି ଗ୍ରହରେ ଜୀବନର ପ୍ରବଳ ସମ୍ଭାବନା ଅଛି । ଏହି ରାସାୟନିକଏକ ଜୈବ ଯୌଗିକ ଯାହା ଦହନଶୀଳ, ରଙ୍ଗହୀନ ଓ ତରଳ। ଏହା ପେଟ୍ରୋଲିୟମ୍ ବିଶୋଧନ ଓ ଇଥିଲିନ୍ ଉତ୍ପାଦନ ଭଳି ଅନେକ ଶିଳ୍ପ ପ୍ରକ୍ରିୟାର ଏକ ଉପଯୋଗୀ ରାସାୟନିକ ପଦାର୍ଥ ।

କିଛି ଗବେଷଣାରେ ଏହାକୁ ଏଲିଏନ୍ ଜୀବନର ସଙ୍କେତ ଭାବରେ ଗ୍ରହଣ କରାଯାଇଛି । ଏହାର ପ୍ରାମାଣିକ କାରଣ ଅଛି । କାରଣ ଏହା କେବଳ ପୃଥିବୀରେ ଜୀବିତ ପ୍ରାଣୀମାନଙ୍କ ଦ୍ୱାରା ଉତ୍ପାଦିତ ହୁଏ । ଏହି ଆବିଷ୍କାର ଏପରି ଗ୍ରହଗୁଡ଼ିକର ରହସ୍ୟ ଉନ୍ମୋଚନ କରିବାକୁ ମଧ୍ୟ ଅପେକ୍ଷା କରିଛି । ଯେଉଁଠାରେ ଏକ ସମୁଦ୍ର ପରି ଏକ ବୃଦ୍ଧି ରହିଥିବା ପରିବେଶ ଓ ହାଇଡ୍ରୋଜେନ୍ ଭରପୂର ବାୟୁମଣ୍ଡଳ ଅଛି । ଜ୍ୟୋତିର୍ବିଜ୍ଞାନୀ ପ୍ରଫେସର ମଧୁସୂଦନଙ୍କ ଆବିଷ୍କାର, ଗ୍ରହର ବାୟୁମଣ୍ଡଳ, ଗଠନ ଓ ଏଥିରେ ଜୀବନର ସମ୍ଭାବନା ଉପରେ କେନ୍ଦ୍ରିତ ବାସ୍ତବତା ଓ ବୈଜ୍ଞାନିକ ଆଧାରକୁ ଶକ୍ତି ଦେଇଛି । ଯାହା ଏପର୍ଯ୍ୟନ୍ତ ସମସ୍ତ କଳ୍ପନା ଓ ପୌରାଣିକ କଥାଠାରୁ ଭିନ୍ନ ଅଟେ । ପ୍ରଫେସର ମଧୁସୂଦନ ଓ୍ୱଣ୍ଡର୍‌ଫଡ'ହାଇସିଆନ୍ ଓ୍ୱାର୍ଲ୍ଡ' ଶବ୍ଦଟି ପ୍ରସ୍ତାବ ଦେଇଥିଲେ, ଯାହାର ଅର୍ଥ ହେଉଛି ଏପରି ଗ୍ରହଗୁଡ଼ିକରେ ହାଇଡ୍ରୋଜେନ୍ ଯୁକ୍ତ ବାୟୁମଣ୍ଡଳ ଓ ତରଳ ଜଳର ମହାସାଗର ଅଛି ।

ଅନ୍ୟ ବୈଜ୍ଞାନିକମାନେ ମଧ୍ୟ ବିଶ୍ୱାସ କରନ୍ତି ଯେ ଏପରି ଗ୍ରହରେ ସୂକ୍ଷ୍ମ ଜୀବମାନେ ବଞ୍ଚି ରହିବା ସମ୍ଭବ । ଏହି ଆବିଷ୍କାର ଉପରେ ଏକ ନିଷ୍କର୍ଷରେ ପହଞ୍ଚିବା ପାଇଁ ଆହୁରି ଦୁଇ-ତିନି ବର୍ଷ ଲାଗିପାରେ । ବିଶ୍ୱ ଏହାକୁ ଉତ୍ସାହର ସହିତ ଅପେକ୍ଷା କରି ରହିଛି । କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ପ୍ରୟୋଗଶାଳାରେ, ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକ ମଧୁସୂଦନ ସେହି ଜଟିଳ ଓ ଅସମାହିତ ପ୍ରଶ୍ନର ସମାଧାନ କରିବାରେ ବ୍ୟସ୍ତ ରହୁଛନ୍ତି । ଯାହାର ଉତ୍ତର ମଣିଷ ଶତାବ୍ଦୀ ଶତାବ୍ଦୀ ଧରି ଖୋଜି ଚାଲିଛି । ଏହି ପ୍ରଶ୍ନ ସର୍ବଦା ଉଠାଯାଇଛି ଯେ ଏଲିଏନ୍ ପ୍ରକୃତରେ ଅଛନ୍ତି କି ? ବାସ୍ତବରେ ମନେହୁଏ ଏହି ଆବିଷ୍କାର ଏକ ଜଟିଳ ଓ ଅସମାହିତ ରହସ୍ୟକୁ ପ୍ରକାଶ କରିପାରିବ । ଏବେ ପ୍ରଫେସର ମଧୁସୂଦନଙ୍କ ଆବିଷ୍କାର ସାରା ବିଶ୍ୱରେ ଆଲୋଚନା ହେଉଛି । ପ୍ରକୃତରେ କହିବାକୁ ଗଲେ ଏହା ଦର୍ଶାଉଛି ଯେ ଭାରତରେ ପ୍ରତିଭାର କଦାପି ଅଭାବ ନାହିଁ । ଯାହା ଅଭାବ ଅଛି ତାହା ହେଉଛି ସେମାନଙ୍କୁ ଉନ୍ନତ କରିବା ଓ ମସ୍ତିଷ୍କ ନିଷ୍କାସନକୁ ବନ୍ଦ କରିବା ।

ମହାକାଶରେ ଜୀବନର ସମ୍ଭାବନା ବିଷୟରେ ପୂର୍ବରୁ ମଧ୍ୟ ଆବିଷ୍କାରର ଦାବି କରାଯାଇଛି । ୨୦୧୫ ମସିହାରେ ନାସା ଭୂତଳ ଜଳ ପର୍ଯ୍ୟବେକ୍ଷଣ କେନ୍ଦ୍ର ସାହାଯ୍ୟରେ ଆକଳନ କରିଥିଲା ଯେ ମଙ୍ଗଳ ଗ୍ରହର ପୁରାତନ ସମୁଦ୍ରରେ ପୃଥିବୀର ଆର୍କଟିକ୍ ମହା ସାଗର ଅପେକ୍ଷା ଅଧିକ ପାଣି ଥିଲା । ପ୍ରାୟ ୩୦୦ କୋଟି ବର୍ଷ ପୂର୍ବେ ଏହି ସମୁଦ୍ର ଅଦୃଶ୍ୟ ହୋଇଯାଇଥିଲା । ଏହାର ପ୍ରାୟ ୮୭ ପ୍ରତିଶତ ଜଳ ହଜି ଯାଇଥିଲା, ଏହା ସମ୍ଭବ ଯେ ଏହି ପାଣି ଖଣିଜ ପଦାର୍ଥରେ ମିଶିଯାଇଥିଲା, କିମ୍ବା ମହାକାଶକୁ ଉଡ଼ି ଯାଇଥିଲା । ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେଉଁଠାରେ ପାଣି ଅଛି, ସେଠାରେ ଜୀବନର ଅଧିକ ସମ୍ଭାବନା ଅଛି ।

ଗତ ବର୍ଷ ଆମେରିକୀୟ ମହାକାଶ ସଂସ୍ଥା ନାସାହ ଜେମ୍ସ ୱେବ୍ ଟେଲିସ୍କୋପ ମାଧ୍ୟମରେ ଆଉ ଏକ ବାହ୍ୟ ଗ୍ରହ ଆବିଷ୍କାର କରିଥିଲା। ବୈଜ୍ଞାନିକମାନେ ଏହି ଗ୍ରହର ନାମ ଏଲଏଚଏସ ୧୧୪୦ ବି (**LHS 1140 B**) ରଖିଛନ୍ତି । ଏହି ଗ୍ରହରେ ଜୀବନ ପାଇଁ ପାଣି ଓ ପୃଥିବୀ ଭଳି ଅବସ୍ଥାର ସଙ୍କେତ ମଧ୍ୟ ଅଛି । ସେହିପରି ହାୱାଇ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ଗୋଟିଏ ଦଳ ସେମାନଙ୍କ ଗବେଷଣା ଅଧ୍ୟୟନରେ ଦାବି କରିଛନ୍ତି ଯେ ଶନି ଗ୍ରହର ସବୁଠାରୁ ବଡ଼ ଚନ୍ଦ୍ର ଟାଇଟାନର ଉପର କଠିନ ପୃଷ୍ଠ ତଳେ ମିଥେନ ପୋତି ହୋଇନାହିଁ । ଏପର୍ଯ୍ୟନ୍ତ ଅଧ୍ୟୟନରେ ଏହାକୁ ପୃଥିବୀ ପରେ ଏକମାତ୍ର ଆର୍ସ ସ୍ଥାନ ବୋଲି ବିବେଚନା କରାଯାଉଛି । ଯେଉଁଠାରେ ବାୟୁମଣ୍ଡଳ ରହିଛି । ଏପରିକି ନଦୀ, ହ୍ରଦ ଓ ସମୁଦ୍ର ଆକାରରେ ତରଳ ପଦାର୍ଥ ରହିଛି । ଏହି ଅଧ୍ୟୟନରୁ ଟାଇଟାନରେ କୌଣସି ପ୍ରକାରର ଜୀବନ ରହିଥିବାର ସମ୍ଭାବନା ବୃଦ୍ଧି ପାଇଛି...!!!

❤ ଅଧକ୍ଷ , ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪ , ସଂପର୍କ: (ମୋ)୯୦୪୦୧୫୧୪୭୫

ମୋ ଆଖିରେ ତୁ... (୬)

ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉଦ୍ଧାରୁ..)

ମାଣିକକୁ ଉପଯୁକ୍ତ ସମ୍ମାନ ଦେଇ ଗଜପତି ଆଗେଇ ଚାଲିଲେ କାଞ୍ଚି ଅଭିମୁଖେ। ଘମାଘୋଟ ଲଢେଇ ହୋଇଥିଲା। ଆଉ ସେହି ଲଢେଇରେ ବିଜୟ ହୋଇ ଗଜପତି ମହାରାଜା ରାଜକୁମାରୀ ପଦ୍ମାବତୀଙ୍କୁ ସାଙ୍ଗରେ ନେଇ ଫେରି ଆସିଲେ। ଆହୁରି ମଧ୍ୟ କାଞ୍ଚିର ଆରାଧ୍ୟ ଗଣପତିଙ୍କୁ ସାଙ୍ଗରେ ନେଇ ଆସିଥିଲେ ନିଜ ସହିତ। ଆଜି ମଧ୍ୟ ପୁରୀ ଶ୍ରୀମନ୍ଦିରରେ କାଞ୍ଚି ଗଣପତି ବିରାଜମାନ କରିଛନ୍ତି। ଯୁଦ୍ଧରୁ ଫେରିବା ପରେ ଗଜପତି ମହାମନ୍ତ୍ରୀଙ୍କୁ କହିଥିଲେ ରାଜକୁମାରୀଙ୍କୁ ଏକ ଝାଡୁଦାର ସହ ବିବାହ ଦେଇ ନିଜ ଅପମାନର ଉଚିତ ପ୍ରତିଶୋଧ ନେବାକୁ...!!

ଶ୍ରୀଜୀଉ ବାହାରୁଥିଲେ ନିଜ ମାଉସୀ ଘରକୁ। ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଇଁ ସମସ୍ତେ ସଜ ହେଉଥିଲେ। ସକାଳୁ ଟିକେ ଖେଚୁଡ଼ି ଭୋଗ ଖାଇ ମହାବାହୁ ଧାଡ଼ି ପହଣ୍ଡିରେ ଆସି ରଥ ଉପରେ ବିରାଜମାନ କରିଥାନ୍ତି...!! ଉତ୍କଳର ମଉଡ଼ମଣୀ ଜାତିର ଗୌରବ ଗଜପତି ମହାରାଜ ପୁରୁଷୋତ୍ତମ ଦେବ ପ୍ରଥା ଅନୁଯାୟୀ ରଥ ଉପରକୁ ଆସିଲେ। ଗରାବଡୁ ହାତୁଆଣି ଦେବା ପରେ ଘଟୁଆରୀ ଘୋଳ ଚନ୍ଦନ ବା ଛେରା ସିଞ୍ଚନ କରିବା ପାଇଁ ହାତରେ ରୂପା କଳସ ଧରି ଠିଆ ହୋଇଥାନ୍ତି। ପାଖରେ ମନ୍ତ୍ର ଉଚ୍ଚାରଣ ସହିତ ଧବଳ ସୁଗନ୍ଧିତ ପୁଷ୍ପ ସିଞ୍ଚନ ପରେ ହାତରେ ଧରିଥିବା ସୁନା ବେଣ୍ଟ ଲଗା ରୂପା ଝାଡୁ ଧରି ମହାରାଜ ଛେରା ପହଁରା ଆରମ୍ଭ କଲେ। ପ୍ରତ୍ୟେକ ଥର ପାଦ ଆଗକୁ ବଢ଼େଇଲା ବେଳେ ନିଜକୁ ସେ ପ୍ରଭୁଙ୍କର ଭୃତ୍ୟ ମନେକରି ନିଜକୁ ସମର୍ପି ଚାଲିଥିଲେ ତାଙ୍କ ନିକଟରେ। ଜାତି ପ୍ରଥାର ସଂକୀର୍ଣ୍ଣତାକୁ ବହୁତ୍ ପଛରେ ପକେଇ ଆଗେଇ ଚାଲିଥିଲେ ସେ...!! ଠିକ୍ ଏହି ସମୟରେ ମହାମନ୍ତ୍ରୀଙ୍କ ଆଜ୍ଞା ପାଇ ରାଜକୁମାରୀ ପଦ୍ମାବତୀ ବରଣମାଳ ଲମ୍ବେଇ ଦେଇଥିଲେ ତାଙ୍କ ଗଳାରେ...!! ଆଉ ମହାମନ୍ତ୍ରୀ କହି ଉଠିଲେ ଯେ ସେ ମହାରାଜଙ୍କ ଆଜ୍ଞା ଅନୁସାରେ ଦୁନିଆର ସର୍ବଶ୍ରେଷ୍ଠ ଝାଡୁଦାରଙ୍କ ସହିତ କାଞ୍ଚି ରାଜଜେମାଙ୍କୁ ସମର୍ପି ଦେଇଥିଲେ। ଭଲା ମହାପ୍ରଭୁଙ୍କ ସେବକଠାରୁ ଉତ୍କୃଷ୍ଟ କିଏ ଆଉ ହେଇପାରେ ଏ ଜଗତରେ...!!??

ସତରେ, ଜାତି ଧର୍ମ ବର୍ଣ୍ଣ ନୁହଁ ବରଂ ଭକ୍ତି ହିଁ ଭକ୍ତର ପ୍ରକୃତ ପରିଚୟ ବୋଲି ଅନେକଥର ତୁ ପ୍ରମାଣ କରି ଆସିଛୁ। ନିଜର ଦିବ୍ୟଲୀଳା ସହିତ ଯୁଗ ଯୁଗ ଧରି ମାନବ ସମାଜକୁ ଦିଗଦର୍ଶନ ଦେବା ସହ ଅନେକ ଅନୈତିକ ଆଉ ଗତାନୁଗତିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ ତୁ ରଚନା କରିଥିବା ଦିବ୍ୟ ପ୍ରସଙ୍ଗ ସବୁ ସତରେ ତୋ ପରି ହିଁ ବହୁତ୍ ଆକର୍ଷଣୀୟ କାଳିଆ...!!

ଏହି ପ୍ରସଙ୍ଗରେ ସବୁଠୁ ପ୍ରଥମେ ମନେପଡେ ଶ୍ରୀୟା ଚଣ୍ଡାଳୁଣୀର ଅନାବିଳ ପ୍ରେମଭକ୍ତି କଥା। ଲୋକକଥା ଅନୁସାରେ ମାର୍ଗଶିର ଗୁରୁବାର ଦିନ ସକାଳୁ ମା ମହାଲକ୍ଷ୍ମୀ ତୋତେ କହିଲେ ଯେ ସେ ଭ୍ରମଣରେ ଯିବାକୁ ବାହାରିଛନ୍ତି। କାରଣ ସେ ଅନ୍ନପୂର୍ଣ୍ଣା। ଆଉ ସମସ୍ତଙ୍କୁ ଧନଧାନ୍ୟ ପ୍ରଦାନ କରିବାକୁ ତାଙ୍କୁ ସେତେବେଳେ ଯିବାକୁ ହିଁ ଥିଲା। ତୁ ତାଙ୍କୁ କହି ଦେଇଥିଲୁ ଯେ ସେ ଯେମିତି ରୋଷେଇ କାର୍ଯ୍ୟ ସମାପ୍ତ କରି ଯାଇ ପାରିବେ। ଯାହା ହେଲେ ବି କାଳିଆ...ଖାଇବା ଲୋଭ ତୁ ସମ୍ଭାଳି ପାରୁନୁ ନା...?? ସେ ଯାହା ବି ହେଉ ମା ଜଗତଜନନୀ ନଗର ଭ୍ରମଣ କରିବା ସମୟରେ ବ୍ରାହ୍ମଣ ସାହିରୁ ଆରମ୍ଭ କରି ଚାରିଆଡ଼େ ବୁଲିଲେ। କିନ୍ତୁ ଲୋକମାନଙ୍କ ଚଳଣୀ ଦେଖି ତାଙ୍କୁ କିଛି ଭଲ ଲାଗିଲାନି। କାହାର ବସ୍ତରେ ଅସଂଜମତା ଥିଲା ତ କାହାର କେଶ ବିନ୍ୟାସରେ ଥିଲା ସମ୍ପୂର୍ଣ୍ଣ ଅନିୟମିତତା। ଘରଦ୍ୱାର ଅପରିଷ୍କାର ଦେଖି ତାଙ୍କ ମନ ଦୁଃଖ ହୋଇଯାଉଥିଲା ବେଳେ ସେ ହଠାତ୍ ଦେଖିଲେ ଏକ ଘର ଦୁଆରେ ଗୋବର ପାଣି ଲିପା ଯାଇ ସୁନ୍ଦର୍ ଝୋଟି ସବୁ ପଡ଼ିଥିଲା। ଧୂପ,ଦୀପ,ଝୁଣା ଆଦି ବାସ୍ନାରେ ସେହି ଘରଟି ମହକୁଥିଲା। ତା ସହ ସେହି ଝୋଟି ଉପରେ ପଡିଥିବା ଅଷ୍ଟଦଳ ପଦ୍ମ ଦେଖି ତାଙ୍କ ମନ ସ୍ନେହ ଶରଧାରେ ପୁରି ଉଠିଲା ଆଉ ସେ ନିଜେ ସେହି ପଦ୍ମ ଉପରେ ପାଦ ଦେଇ ସେହି କୁଟୀରରେ ପ୍ରବେଶ କଲେ। କେତେ ସୁନ୍ଦର ନା ଏହି ଉପାଖ୍ୟାନ...!!??ଏଠି ଦେବତାକୁ ଡାକିବା ପାଇଁ ମନ୍ତ୍ର ହୋମ ଯଜ୍ଞର ଆବଶ୍ୟକତା ହୁଏନି ବରଂ ସ୍ୱଚ୍ଛ ଆଧ୍ୟାତ୍ମିକ ବାତାବରଣରେ ମନ ଲଗେଇ ଈଶ୍ୱରଙ୍କୁ ଆବାହନ କଲେ ସେ ନିଶ୍ଚୟ ଆସିଯାଆନ୍ତି...!!

ସେହି ଘରଟି ଶ୍ରୀୟା ଚଣ୍ଡାଳୁଣୀର ଛୋଟିଆ କୁଡ଼ିଆ ଥିଲା। ବିଷ୍ଣୁଭକ୍ତିରେ ସେ ନିଜ ଜୀବନ କାଟୁଥିଲା।ମା ମହାଲକ୍ଷ୍ମୀଙ୍କ ମନ ତା ପୂଜାରେ ପ୍ରସନ୍ନ ହେବାରୁ ସେ ତାକୁ ବରଦାନ ଦେବାକୁ ଚାହିଁଲେ। କିନ୍ତୁ ସେ କଣ ଜାଣିଥିଲା କି କେମିତି ବର ମାଗନ୍ତି...!!? ?ତେଣୁ ମା ନିଜେ ତାକୁ ଯାଚିକରି ଅନେକ ବର ଦେଲେ। ଧନଧାନ୍ୟରେ ତା ଘର ପୁରି ଉଠିଲା। ନିସଂତାନ ସନ୍ତାପ ତାର ଦୂର ହେଲା।ଦୁନିଆରେ ମା ମହାଲକ୍ଷ୍ମୀଙ୍କର ପୂଜାବିଧି ସମସ୍ତେ ଜାଣିଲେ, କି ସୁନ୍ଦର କଥା ଦୁନିଆକୁ ମା ଶିଖେଇ ଦେଲେ ସତରେ...!! ଭାବ ଭକ୍ତିର ଅପୂର୍ବ ସମନ୍ୱୟ ରକ୍ଷା କରି ସେ ଭକ୍ତକୁ କେତେ ବରଦାନ ଦେଇ ଖୁସିରେ ଦେଉଳକୁ ଫେରି ଆସିଲେ...!!

କିନ୍ତୁ ତୁ କଣ କଲୁ କାଳିଆ ?ବଳଭଦ୍ରଙ୍କୁ ବଚନ ଦେଇଥିଲୁ ତାଙ୍କ କଥା ଶୁଣିବୁ ବୋଲି। ତା ବୋଲି କଣ ନିଜ ବିବାହିତା ପତ୍ନୀଙ୍କୁ କିଏ ଏମିତି କଟୁ କଥା କୁହେ...? ଚଣ୍ଡାଳ ସାହିକୁ ଯାଇଥିଲେ ବୋଲି ସେ ମଧ୍ୟ ଚଣ୍ଡାଳୁଣୀ ହୋଇଗଲେ ବୋଲି କହିଲୁ। ଆଉ ତାଙ୍କର ଭୁଲ୍ ପାଇଁ ଶାସ୍ତି ବିଧାନ ମଧ୍ୟ କରିଥିଲୁ। ବାଃ ରେ ଜଗା...!! କେତେ ବଡିଆ ଭାବରେ ଦୁନିଆ ଆଗରେ ବିଭୁପ୍ରେମର ଏକ ଶକ୍ତ ଉଦାହରଣ ରଖିବାକୁ କେମିତି ରାସ୍ତା ବାହାର କଲୁ...!!?? ଶେଷରେ ମା ଅନ୍ନପୂର୍ଣ୍ଣାଙ୍କଠାରୁ ନିଜେ ଦୂରେଇ ଗଲୁ...!! ଅସ୍ପୃଶ୍ୟ ଭକ୍ତ ଘରକୁ ଯାଇ ଥିବାରୁ ସେ ମଧ୍ୟ ଅସ୍ପୃଶ୍ୟ ହୋଇଯାଇଥିବା ଅପମାନ ସହି ନ ପାରି ସେ ବଡଦେଉଳ ଛାଡ଼ି ଚାଲିଗଲେ। ତୁ ତ ନିଜେ ଶବରୀ ଆଇଁଠାଖିଆ ... ଗୋପାଳୁଣି ଲବଣୀଚୋରା ନା...!!??ତେବେ ତୁ କେବେଠାରୁ ଏଇ ଜାତି ବର୍ଣ୍ଣ ଧର୍ମ ଦେଖିବାକୁ ଆରମ୍ଭ କଲୁ କହ...?? ମା'ଙ୍କ ଏସବୁ କଥାର ସଠିକ୍ ଉତ୍ତର ନ ଦେଇ ଏହି ମହାଳୀଳା ଅନାୟାସରେ ହେବାକୁ ଦେଲୁ। ମା ମଧ୍ୟ ଅଭିଶାପ ଦେଇ ଚାଲିଗଲେ ଯେ ବିନା କାରଣରେ ତାଙ୍କୁ ଏତେ କଟୁକଥା କହି ଅପମାନିତ କରିଥିବା କାରଣରୁ ତୋତେ ମଧ୍ୟ ବାରବର୍ଷ ଯାଏଁ ଅନ୍ନ ଜଳ ମିଳିବନି। ଯେତେଦିନ ଯାଏଁ ସେ ନିଜେ ତୋତେ ଖାଇବାକୁ ଦେଇ ନାହାନ୍ତି... ତୁ ଓପାସ ରହିବୁ।

ମହାଲକ୍ଷ୍ମୀ ଚାଲିଗଲା ପରେ ନିଦ୍ରାଦେବୀଙ୍କୁ ଡାକି ସେ ତୋତେ ଗାଢ଼ ନିଦ କରେଇ ଦେବାକୁ କହିଲେ ଆଉ ସେତିକି ସମୟ ଭିତରେ ଅଷ୍ଟ ବେତାଳଙ୍କୁ ଡାକି ବଡ ଦେଉଳର ସବୁ ଧନରତ୍ନ, ଜିନିଷପତ୍ର ଏପରିକି ବଡ ଠାକୁର ଆଉ ତୁ ପିନ୍ଧିଥିବା ପାଟ ବସ୍ତ୍ର, ଅଳଙ୍କାର ସବୁ ମଧ୍ୟ ନେଇ ଆସିବାକୁ କହିଲେ। ବାବନକୋଟି ଭଣ୍ଡାରକୁ ବେତାଳମାନେ ବୋହିନେଲେ। ହେଲେ ସେମାନେ ତୋ ଦେହରେ ହାତ ଲଗେଇବାକୁ ଭୟ କଲେ। ମା ତେଣୁ ରତ୍ନ ପଲଙ୍କ ପାଖରେ ଏକ ଦଉଡିଆ ଖଟ ପକେଇ ତା ଉପରକୁ ତୋତେ ଗଡ଼େଇ ଦେଇ ସେହି ଖଟକୁ ଆଣି ଦେବାକୁ ଆଜ୍ଞା ଦେଲେ। ଯେଉଁ କାଳିଆର ନିଦ ରାଧାରାଣୀ କେଉଁ କାଳରୁ ହଜେଇ ଦେଇଛି ସେହି କାଳିଆକୁ ସେଦିନ ସତରେ କେତେ ନିଦ ଲାଗିଥିଲ

ଚୋରି ଘଟଣାରେ ୪ ଅଭିଯୁକ୍ତ ଅଟକ: ମିଳିଲା ଚୋରି ଲାପଟପ, ଚୋରିରେ ବ୍ୟବହୃତ କାର ଜବତ

ନୀଳଗିରି, ୨୧/୬ (ନି.ପ୍ର): ଘରେ କେହି ନଥିବା ସମୟରେ ଘରେ କଳାକନା ବୁଲାଇ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଲୁଟିନେଇଥିଲେ ଦୁର୍ବୃତ୍ତ।ହେଲେ ଘଟଣାକୁ ୨ଦିନ ନପୁରୁଣୁ ପୁଲିସ ହାତରେ ଲାଗିଛି ସଫଳତା। ସୂଚନା ଅନୁଯାୟୀ ବରହମପୁର ଥାନା ଟାଙ୍ଗଣା ଅଞ୍ଚଳର ଜଣକ ଘରୁ କେହି ନଥିବା ବେଳେ ଘରେ କଳାକନା ବୁଲାଇଥିଲେ ଚୋର। ଏହି ଘଟଣାରେ ବରହମପୁର ପୋଲିସ, ଉଦଳା ପୋଲିସ ଏବଂ କସ୍ତିପଦା

ପୋଲିସର ମିଳିତ ସହଯୋଗରେ ୪ଜଣ ଅଭିଯୁକ୍ତକୁ କାବୁ କରାଯିବା ସହ ବରହମପୁର ପୁଲିସ ସେମାନଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଉକ୍ତ ଅଭିଯୁକ୍ତ ମଧ୍ୟରୁ ଦୁଇଜଣ ବାପପୁଅ ଉଦଳା ଅଞ୍ଚଳର ହୋଇଥିବା ବେଳେ ଜଣେ ବେତେଇ ଓ ଦୁଇଟି ଅଳଙ୍କାର ଦୋକାନର ମାଲିକ ମଧ୍ୟ ଅଟକରଖି ପଚରାଉଚୁରା ଜାରି ରହିଥିବା ସୂଚନା ମିଳିଛି। ସେମାନଙ୍କ ନିକଟରୁ ଜବତ କରାଯାଇଥିବା ଏକ ଧଳାରଙ୍ଗର କାଇଗର ଗାଡିନୟର (ଓଡି୦୨ସିବି୪୬୬୬),ଚୋରି ହୋଇଥିବା ଏକ ଲାପଟପ ଜବତ କରାଯାଇଛି।ଏହି ଚୋରିରେ ଏକ ବଡଗ୍ୟାଙ୍ଗ ରହିଥିବା ବେଳେ ଏହି ଗ୍ୟାଙ୍ଗକୁ ଖୁବଶୀଘ୍ର ଧରାଯିବ ବୋଲି ବରହମପୁର ଆଇଆଇସି ପ୍ରେମଦା ନାୟକ କହିଛନ୍ତି।ସୂଚନା ମୁତାବକ ବରହମପୁର ଥାନା ପିଠାହତା ପଞ୍ଚାୟତ ଟାଙ୍ଗଣା ଗ୍ରାମର ବିଶ୍ୱନାଥ ବୁଗୁଡାଇ ଏବଂ ତାଙ୍କ ସପରିବାର ଗତ ଦୁଇଦିନ ତଳେ ମୟୂରଭଞ୍ଜ ଜିଲ୍ଲା ବାରିପଦା ଶାଶୁଙ୍କ ଦେହାନ୍ତ ଖବରପାଇ ଯାଇଥିଲେ । ଘରେ କେହି ନଥିବାର ସୁଯୋଗନେଇ ଦୁର୍ବୃତ୍ତମାନେ ଗ୍ରିଲ ଚାବିଭାଙ୍ଗି ଘରେ ପଶିବା ସହ ଗଡ଼ରେଜ ଭାଙ୍ଗି ଦୁଇ ଝିଅଙ୍କ ବିବାହ ପାଇଁ କିଣିଥିବା ୨୦ ଲକ୍ଷରୁ ଉର୍ଦ୍ଧ ଟଙ୍କାର ସୁନା ଅଳଙ୍କାର ଚୋରି କରିନେଇଥିଲେ। ଗତକାଲି ବିଳମ୍ବିତ ରାତିରେ ଉକ୍ତ ଘଟଣାରେ ଚାରି ଅଭିଯୁକ୍ତଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଛି ।

ଶିଶୁ ଶ୍ରମିକ ଉଚ୍ଛେଦ ପ୍ରକ୍ରିୟା ପାଇଁ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସର ସଚେତନତା କାର୍ଯ୍ୟକ୍ରମର ବୈଠକ

ବାଲେଶ୍ୱର , ୨୧/୬ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଦ୍ୱାରା ଶିଶୁ ଶ୍ରମିକ ଉଚ୍ଛେଦ ପ୍ରକ୍ରିୟା ପାଇଁ ସଚେତନତା କାର୍ଯ୍ୟକ୍ରମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ)ଡ.ମଧୁସ୍ମିତା ସାମନ୍ତରାୟ ପୌରହିତ୍ୟ କରିଥିବା ବେଳେ ଡି. ଏ. ଡି. ସି ଶ୍ରୀଯୁକ୍ତ ଗୋପାଳ କୃଷ୍ଣ କର ଆବାହକ କରିଥିଲେ।ଏହି କାର୍ଯ୍ୟକ୍ରମରେ ଡି. ସି. ପି.ଓ ଶିଶୁ ଶ୍ରମିକ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ,ଅତ୍ୟାଚାର ପାଇଁ ସରକାରଙ୍କ ଆଇନ ଗତ କାର୍ଯ୍ୟଧାରା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ୬ ବର୍ଷରୁ ୧୪ ବର୍ଷର ଶିଶୁ ଶ୍ରମିକ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ହୋଟେଲ, କଲ୍ୟାଣ ମଣ୍ଡପ, କୁଟୀର ଶିଳ୍ପ କେନ୍ଦ୍ର ଭଳି ଅସ୍ୱାସ୍ଥ୍ୟକର ପରିବେଶରେ କାର୍ଯ୍ୟରେ ନିୟୋଜନ କରାଯାଇଥିବାରୁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରି ଉଚ୍ଛେଦ କାର୍ଯ୍ୟକ୍ରମକୁ ତ୍ୱରାନିତ ପାଇଁ ବାଳ ନିରୋଧ ଆଇନ -୧୯୮୬ କାର୍ଯ୍ୟକାରୀ ହେଉଛି। ଆର୍ଥିକ ଦୁର୍ବଳ ଶ୍ରେଣୀର ବାଳ ଶ୍ରମିକ ମାନଙ୍କ ଅଭିଭାବକ ମାନଙ୍କୁ ପରାମର୍ଶ ଓ ଅର୍ଥନୈତିକ ସହାୟତା ସହିତ ୬ବର୍ଷ ରୁ ୧୪ ବର୍ଷ ପର୍ଯ୍ୟନ୍ତ ମୁକ୍ତ ଓ ବାଧତା ମୂଳକ ଶିକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ସରକାର ସ୍ତରରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବ।, ପୋଲିସ ପ୍ରଶାସନ ପକ୍ଷରୁ ଉଦ୍ଧାର, ଜରିମାନା ଏବଂ ଜେଲ ଦଣ୍ଡ କୁ କଡାକଡି କରାଯିବା ଉପରେ ବୈଠକରେ ସଚେତନତା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ।ଶେଷରେ ଜିଲ୍ଲା ଶିକ୍ଷାଧିକାରୀ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

ରାଜଭବନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଭୁବନେଶ୍ୱର, ୨୧/୬ (ନି.ପ୍ର): ରାଜଭବନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଶନିବାର ସକାଳେ ନ୍ୟୁ ଅଭିଷେକ ହଲ୍ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ସାମିଲ ହେବା ସହ ଯୋଗ ଅଭ୍ୟାସ କରିଥିଲେ । ଚଳିତ ବର୍ଷ "ଏକ ପୃଥିବୀ ଏବଂ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ" ଶୀର୍ଷକକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତଙ୍କ ସମେତ ରାଜଭବନର ଅଧିକାରୀ/ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ "ଯୋଗ କେବଳ ଏକ ଶାରୀରିକ କାର୍ଯ୍ୟକଳାପ ନୁହେଁ, ଏହା ଏକ ଜୀବନଶୈଳୀ ଯାହା ଅନ୍ତରରେ ଶାନ୍ତି, ସ୍ଥିରତା ଏବଂ ଆତ୍ମ-ସଚେତନତାକୁ ଜାଗ୍ରତ କରେ। ପ୍ରାଚୀନ ଭାରତୀୟ ଜ୍ଞାନର ମୂଳ ଯୋଗ ଶରୀର, ମନ ଏବଂ ଆତ୍ମାରେ ସମନ୍ୱୟ ଆଣେ ଏବଂ ପ୍ରକୃତି ସହିତ ଆମର ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି କହିବା ସହିତ ଯୋଗ ପରି କାଳଜୟୀ ଅଭ୍ୟାସ ସମସ୍ତଙ୍କୁ ଉତମ ସ୍ୱାସ୍ଥ୍ୟ ଏବଂ ସନ୍ତୁଳିତ ଜୀବନ ଆଡକୁ ମାର୍ଗଦର୍ଶନ କରିବ ବୋଲି ରାଜ୍ୟପାଳ କହିଛନ୍ତି।

ଅନ୍ତର୍ଜାତୀୟ ଯୋଗ ଦିବସର ଶୁଭେଚ୍ଛା ଜଣାଇଲେ ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର, ୨୧/୬ (ନି.ପ୍ର): ଅନ୍ତର୍ଜାତୀୟ ଯୋଗ ଦିବସର ଶୁଭେଚ୍ଛା ଜଣାଇଛନ୍ତି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା । ଶରୀର, ମନ ଏବଂ ଆତ୍ମାର ସମନ୍ୱୟ ସୃଷ୍ଟି କରିବାର ମାଧ୍ୟମ ହେଉଛି ଯୋଗ ଯାହା ବିଶ୍ୱକୁ ଉପହାର ସ୍ୱରୂପ ପ୍ରଦାନ କରିଛି ଆମ ପ୍ରାଚୀନ ଭାରତୀୟ ପରମ୍ପରା । ଯୁବ ବର୍ଗଙ୍କ ଠାରୁ ନେଇ ପ୍ରାପ୍ତ ବୟସ୍କଙ୍କ ପର୍ଯ୍ୟନ୍ତ, ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଆଜି ସମଗ୍ର ବିଶ୍ୱ ଯୋଗକୁ ଆପଣାଇଛି । ଆସନ୍ତୁ, ଆଜି ଯୋଗ ଦିବସରେ ଶପଥ ନେବା - ଯୋଗକୁ ଦିନଚର୍ଯ୍ୟାରେ ସାମିଲ କରିବା, ଯୋଗକୁ ଜନ ଆନ୍ଦୋଳନରେ ପରିଣତ କରିବା ।

AFFIDAVIT

By virtue of an affidavtit before Executive Magistrate and Addl. Tahasildar, Basta, Balasore, I, Ritarani Sasmal, formerly called Rita Rani Mohanty, W/o- Rajesh Mohanty, D/o- Ranjan Kumar Sasmal, permanent resident of vill- Dandi, Po- Darada, Ps- Basta, Dist- Balasore, 756022 state that I wholly renounce, relinquish and abandon my former name Rita Rani Mohanty and assume the name of Rita Rani Sasmal. I shall be known as Rita Rani Sasmal in place of my former name Rita Rani Mohanty in all records, deeds and writings and in all procedding dealing and transaction private as well as public.

Rita Rani Sasmal

ଭଦ୍ରକ ଜିଲ୍ଲା ନ୍ୟାୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଭଦ୍ରକ , ୨୧/୬ (ନି.ପ୍ର): ଭଦ୍ରକ ଜିଲ୍ଲା ନ୍ୟାୟାଳୟ ପରିସର ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଦୌରାଜଜ, ଭଦ୍ରକ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଅଧକ୍ଷତା କରିଥିଲେ। ଏହି ଯୋଗଦିବସ ପାଳନ ଅବସରରେ ଜିଲ୍ଲା ନ୍ୟାୟାଳୟର ସମସ୍ତ ବିଚାରପତି ବୃନ୍ଦ ଶ୍ରୀ ସଂଗ୍ରାମ କେଶରୀ ପଟ୍ଟନାୟକ, ଜିଲ୍ଲା ଓ ଦୌରାଜଜ, ଭଦ୍ରକ, ଶ୍ରୀ ଅରବିନ୍ଦ ରଥ, ବିଚାରପତି ପରିବାର ଅଦାଲତ, ପ୍ରଭାତ କୁମାର ରାଜଗୁରୁ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଏବଂ ସ୍ୱତନ୍ତ୍ର ଜଜ୍, ବିକାଶ ଚନ୍ଦ୍ର ଦେ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍-ତଥା-ସ୍ୱତନ୍ତ୍ର ବିଚାରପତି (ପୋକ୍ସୋ), ନିବେଦିତା ପଣ୍ଡା, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଓ ସହକାରୀ ଦୌରାଜଜ୍, ଚିନ୍ମୟୀ ପଣ୍ଡା, ବରିଷ୍ଠ ଦେୱାନୀ ବିଚାରପତି, ପୁଣ୍ୟଶ୍ଲୋକ ରଥ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ, ଶ୍ରୀମତୀ ଶିବାନୀ, ଅତିରିକ୍ତ ବିରଷ୍ଠ ଦେୱାନୀ ବିଚାରପତି, ଭଦ୍ରକ, ଅରୋଲିପି ପରିଜା, ବରିଷ୍ଠ ଦେୱାନୀ ବିଚାରପତି, (ଏଲ୍ଆରଏଣ୍ଡ, ଏଲଟିଭି) ସ୍ୱଜାଲି ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ଅଧିକାରୀ, ଉମାକାନ୍ତ ବେହେରା, କନିଷ୍ଠ ଦେୱାନୀ ବିଚାରପତି, ସୁବାସିନୀ ବେହେରା, ଜୁଡ଼ିସିଆଲ ମାଜିଷ୍ଟ୍ରେଟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ନ୍ୟାୟାଳୟ (୧), ଶ୍ରୀ ମନୋଜ କୁମାର ଦାସମହାପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ନ୍ୟାୟଳୟର ଏସ୍.ଏସ୍.ପାଢ଼ି ଓ ଅମ୍ଲାନ ରଥ, ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ ଦ୍ୱିତୀୟ ଶ୍ରେଣୀ ତଥା କୋର୍ଟର କର୍ମଚରୀ ଗଣ ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମଚରୀମାନେ ମଧ୍ୟ ଏହି ଯୋଗ ଦିବସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ପୁଣ୍ୟଶ୍ଲୋକ ରଥ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ସେହିପରି ଭାବରେ ଯୋଗ ଦିବସ ନିମିତ୍ ସଚେତନତା କାର୍ଯ୍ୟକ୍ରମ ଶିଶୁଯତ୍ନ ଗୃହ, ଓଡ଼ିଶା ବଳାଳାଶ୍ରମ, ଗରଦପୁର, ଭଦ୍ରକ, ସ୍ୱୟଂ ସହାୟକ ଗୋଷ୍ଠୀ, କାଦବରାଙ୍ଗ, ବନ୍ତ ବ୍ଲକ, ପ୍ୟାନେଲ ଓକିଲ, ପାରାଲିଗାଲ ସ୍ୱେଚ୍ଛାସେବୀମାନେ ମଧ୍ୟ ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳନ ଅବସରରେ ଅଂଶ ଗ୍ରହଣ କରି ଯୋଗାଭ୍ୟାସ ଦ୍ୱାରା ହେଉଥିବା ସଫଳ ସମ୍ବନ୍ଧରେ ଏକ ବାର୍ତ୍ତା ଯାହାକି ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ଉପରେ ସଚେତନତା କରାଇଥିଲେ।

ଅନ୍ତର୍ଜାତୀୟ ଯୋଗ ଦିବସ -୨୦୨୫ ଅନୁଷ୍ଠିତ

ବାଲେଶ୍ୱର , ୨୧/୬ (ନି.ପ୍ର): ସକାଳ ଘ.୬ଟିକା ସମୟରେ ସ୍ଥାନୀୟ ଆଇ. ଟି. ଆଇ.ଛକସ୍ଥିତ ବହୁ ଉଦ୍ଦେଶୀୟ ଇନଡୋର ଷ୍ଟାଡ଼ିୟମ ଠାରେ ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ଚନ୍ଦ୍ର ପ୍ରଧାନ, ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ପୌରପାଳିକା ଅଧକ୍ଷା ଶ୍ରୀମତୀ ସବିତା ସାହୁ, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାଜ ପ୍ରାସାଦ ମଞ୍ଚାସିନ ଥିଲେ ଏବଂ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଧୂପ ଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ ହୋଇଥିଲା । ବରେଣ୍ୟ ଅତିଥିଗଣ "ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ " ବାଣୀ ଦେଇ ମନୁଷ୍ୟ ସମାଜ ପାଇଁ ଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ନିୟମିତ ବ୍ୟାୟାମ ଦ୍ୱାରା ସୁସ୍ଥ ଏବଂ ନିରୋଗ ରହିବାର ଏକ ପ୍ରମୁଖ ଭୂମିକା ସମ୍ପର୍କରେ ବିଶଦ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ,ଛାତ୍ରଛାତ୍ରୀ ,କ୍ରୀଡାବିତ୍ ପ୍ରମୁଖ ଯୋଗ ଦେଇଥିଲେ।

B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

Course Offers : Diploma Engg.

- Mechanical Engineering
- Electrical Engineering
- Civil Engineering
- E. & T.C. Engineering
- Comp. Sc. & Engineering

100% Placement

ITI Trade

- Electrician
- Welder
- Fitter
- R & AC

FREE Admission for SC / ST Students

Walk-In-Interview on Dated - 23.06.25 (Monday)

Faculty Recruitment

- Lecture in all above Branches.
- Lab Technician in all above Branches.
- Clerk & Hostel Superintendent.

Contact No.- 9861947995, 8270317712

Place of Interview- IET Samalpur, Balasore

ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବୈଶିଙ୍ଗା, ୨୧/୬ (ନି.ପ୍ର): ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଏକାଦଶ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନାଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପୂର୍ବାହ୍ନ ସାଢ଼େ ଛଅ ଟାରେ ବିଦ୍ୟାଳୟର ଝାନସୀ ସମ୍ମିଳନୀ କକ୍ଷରେ ମିଳିତହୋଇ ଶରୀର ପାଇଁ ଆବଶ୍ୟକ ବହୁ ଉପାଦେୟ ଯୋଗାଭ୍ୟାସ କରିଥଲେ। ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ଶ୍ରୀ ନିରଞ୍ଜନ ବାରିକ୍ ଯୋଗ ଦିବସ ପାଳନ ସମ୍ବନ୍ଧରେ ପ୍ରାକ୍ ସୂଚନା ପ୍ରଦାନ କରିବା ସହିତ ଯୋଗ କରିବାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ଶ୍ରୀ ବଂଶୀଧର ଗିରି ଓ ଶୁଭବନ୍ତ ନାୟକ ଯୋଗାସନର ବିଭିନ୍ନ କୌଶଳ ଓ ପ୍ରାଣାୟାମ ପ୍ରଦର୍ଶନ କରି ଥିଲେ। ଏହା ପରେ ଦ୍ୱିତୀୟ ଅଧିବେଶନ ରେ ଚଳିତ ବର୍ଷ ଆନ୍ତର୍ଜାତୀୟ ଯୋଗ ଦିବସର ବାର୍ତ୍ତା- 'ଯୋଗ ଫର୍ ୱାନ୍ ଆର୍ଥ, ୱାନ ହେଲଥ୍' ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଏହି ବିଷୟ ବସ୍ତୁ ଉପରେ ନିଜ ନିଜର ବକ୍ତବ୍ୟ ଓ ମତାମତ ପ୍ରଦାନ କରିଥିଲେ। ଶେଷରେ ଯୋଗାସନରେ ଶ୍ରେଷ୍ଠ ପ୍ରଦର୍ଶନ କାରୀଙ୍କୁ ପୁରସ୍କୃତ କରାଯାଇ ଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ସୁବର୍ଣ୍ଣରେଖା ନଦୀର ପ୍ରଥମ...

ରାସ୍ତା ଉପରେ ମଣିଷ ଉଚ୍ଚରେ ବନ୍ୟାପାଣି ପ୍ରଭାବିତ ହେଉଛି। ଚୌଧୁରୀକୁଦ, ପାଳଚଂ୍ପି, ବିଷ୍ଣୁପୁର, କୁଲ୍ହାଚଢ଼, ତାଳପଦା, ବଡ଼ ତାଳପଦା, ଜାମକୁଣ୍ଡ।, ଅଷ୍ଟି ଆଦି ବହୁ ଗ୍ରାମରଲୋକ ପାଣି ଘେରରେ ରହିଥିଲା ବେଳେ ପ୍ରଶାସନ ତରଫରୁ ସେମାନଙ୍କ ପାଖକୁ ପିଇବା ପାଣି, ଶୁଖିଲା ଖାଦ୍ୟ କିମ୍ୱା ଯାତାୟତ ପାଇଁ ବୋଟର ବ୍ୟବସ୍ଥା କରାଯାଇ ନାହିଁ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ପାଣିର ସ୍ରୋତ ଏତେ ପ୍ରଖର ରହିଛି ଗତ ମଧ୍ୟ ରାତିରେ ଜାମ କୁଣ୍ଡା କାଳରୁହି ମୁଖ୍ୟ ରାସ୍ତା ରେ ୧୬ ଫୁଟ ର ଘାଇ ସୃଷ୍ଟି ହୋଇଛି। ପ୍ରସାଶନ ପକ୍ଷରୁ ଯୁଦ୍ଧ କାଳୀନ ଭିତିରେ ଏହାର ମରାମତି ସରିଛି। ଇକଡ଼ ପାଳ ଗ୍ରାମର ୨୮ ବର୍ଷର ଯୁବକ ମହେଶ୍ୱର ପିଲା ବନ୍ୟା ପାଣିରେ ଶ୍ରୋତରେ ଭାସି ଯାଇଥିଲା ବେଳେ ଓଡ୍ରାଫ ଟିମ ପକ୍ଷରୁ ଖୋଜା ଖୋଜି ଜାରି ରହିଛି। ପ୍ରତ୍ୟେକ ବର୍ଷ ତଳିଆ ଅଂଚଳର ଲୋକ ମାନଙ୍କୁ ବୋଟ୍ ସାହାଯ୍ୟ ରେ ନବା ଆଣିବା କରାଯାଇଥାଏ । ମାତ୍ର ଚଳିତ ବର୍ଷ ପ୍ରସାଶନର ତତ୍ପରତା ନଥିବାରୁ ଲୋକେ ମାନଙ୍କ ମଧ୍ୟରେ ଉତେଜନା ଦେଖାଦେଇଛି। ବାଲିଆପାଳ ପ୍ରଶାସନ ପକ୍ଷରୁ ତଳିଆ ଅଂଚଳର ଲୋକମାନଙ୍କୁ ମାଇକ ଯୋଗେ ସଚେତନ କରିବା ସହ ଉଚ ସ୍ଥାନକୁ ଚାଲିଯିବାକୁ ନିବେଦନ କରିଥିଲା ବେଳେ ଅନ୍ୟପଟେ ଜିଲ୍ଲା ପ୍ରଶାସନ ବନ୍ୟାକୁ ଦୃଷ୍ଟି ରଖି ଜିଲ୍ଲାର ସମସ୍ତ ସରକାରୀ ଚାକିରିଆଙ୍କର ଛୁଟି ବାତିଲ କରିଛନ୍ତି, ମାତ୍ରଦୀର୍ଘ ୨୪ ଘଂଟା ବିତିଥିଲେ ମଧ୍ୟ କୌଣସି ସୁବିଧା ସୁଯୋଗ ଲୋକଙ୍କ ପାଖରେ ପହଂଚି ନ ଥିବା କଥା ଲୋକଙ୍କ ପାଖରୁ ଶୁଣିଲା ପରେ ବସ୍ତା ବିଧାୟିକା ସୁବାସିନୀ ଜେନା ସମସ୍ତ ସୁବିଧା ଯୋଗେଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି, ଅନ୍ୟ ପଟେ ବନ୍ୟା ପୀଡିତା ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ, ପିଇବା ପାଣି, ଯାତାୟତର ସୁବିଧା ପାଇଁ ବୋଟ ବ୍ୟବସ୍ଥା କରାଯାଇଥିବା ବେଳେ ଗୋଟିଏ ଓଡ୍ରାଫ, ଅଗ୍ନିଶମ ବାହିନୀ ଓ ୧୦ଟି ବୋଟ ବ୍ୟବସ୍ଥା କରାଯାଇଥିବା କଥା ବାଲେଶ୍ୱର ଏଡିଏମ ସୁଧାକର ନାୟକ କହିଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟି ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓଆରଏସ, ବ୍ଲିଚିଙ୍ଗ ପାଉଡର, ହେଲଜିନ ବଟିକା, ସାପ କାମୁଡା ଔଷଧ ମହଜତ ରଖା ଯାଇଛି ଗାଁ ଗାଁ ଅଙ୍ଗାବାଡି ଓ ଆଶା କର୍ମୀ ଔଷଧ ବାଂଟୁଛନ୍ତି ବୋଲି ବାଲିଆପାଳ ଗୋଷ୍ଠୀ କେନ୍ଦ୍ରର ସୁପର ଭାଇଜର ରାମାକନ୍ତ କର କହିଛନ୍ତି।

ହେଲଦି ଲାଇଫ ଦ୍ୱାରା ...

ଅନୁଷ୍ଠାନ ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ ପ୍ରକାଶ କରିଥିଲେ ୨୦୧୫ ମସିହାଠାରୁ ଯୋଗ ଦିବସ ପାଳନ କରି ହେଲଦି ଲାଇଫ ଯୋଗ ଅନୁଷ୍ଠାନର ସମସ୍ତ ଛାତ୍ର ଛାତ୍ରୀ ବାଲେଶ୍ୱରର ଜନ ସାଧାରଣଙ୍କୁ ଯୋଗ ଓ ପ୍ରାକୃତିକ ଚିକିତ୍ସା ମାଧ୍ୟମରେ ୧୦ ହଜାର ମଣିଷକୁ ମାନସିକ ରୋଗରୁ ମୁକ୍ତି ଦେଇ ଆସିଛନ୍ତି। ମହାବିଦ୍ୟାଳୟର ଅଧକ୍ଷା ଦେବିଅର୍ଚ୍ଚନା ଦାସ ଯୋଗ ଏକ ବୈଜ୍ଞାନିକ ଚିକିତ୍ସା ପ୍ରଣାଳୀ ଅଟେ। ସଠିକ ଭାବରେ ଶିକ୍ଷା ପ୍ରାପ୍ତ କରିଥିବା ମାଷ୍ଟର ଡି

ରବିବାର, ଜୁନ୍ ୨୨, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବାରିପଦା ପୌର ପାଳିକା ତରଫରୁ 'ଏକ ପେଡ ମାଆ କେ ନାମ' କାର୍ଯ୍ୟକ୍ରମର ଶୁଭାରମ୍ଭ

ବାରିପଦା , ୨୧/୬ (ନି.ପ୍ର): ଆଜି ବାରିପଦା ପୌରପାଳିକା ଆନୁକୂଲ୍ୟରେ ସ୍ଥାନୀୟ ବେଲଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଏକ ପେଡ, ମାଆ କେ ନାମ '(ମାଆ ପାଇଁ ଗଛଟିଏ) କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନଗରପାଳ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ଆଜି ପବିତ୍ର ଆନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ଏହି 'ମାଆ ପାଇଁ ଗଛଟିଏ' ମହାନ କାର୍ଯ୍ୟକ୍ରମ ଦେଶ ବ୍ୟାପି ଚାଲିଛି। ପ୍ରକୃତ ପକ୍ଷେ ବୃକ୍ଷ ହେଉଛି ଆମ ମାଆ ପରି। କାରଣ ବଂଚିବା ପାଇଁ ପ୍ରାଣୀ ଜଗତର ମୌଳିକ ଆବଶ୍ୟକତା ଅମ୍ଳଜାନ ଆମେ ବୃକ୍ଷଠାରୁ ହିଁ ପାଇଥାଉ। ତେଣୁ ଆମେ ସମସ୍ତେ ଯଦି ନିଜ ନିଜ ମାଆ ପ୍ରତି ଶ୍ରଦ୍ଧା ଭକ୍ତି ରଖି ଗୋଟିଏ ଗୋଟିଏ ଗଛ ଲଗାଇବା ତେବେ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ପାଇପାରିବା ଏବଂ ସୁସ୍ଥ ରହିବା। ଏହି ଅଭିଯାନ ରେ ବାରିପଦା ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ୫୩୫ ଟି ବୃକ୍ଷ ଚାରା ରୋପଣ କରାଯିବା ଲକ୍ଷ୍ୟ ରଖାଯାଇଛି ଏବଂ ଅନ୍ୟାନ୍ୟ ୟୂ ଏଲ ବି ରେ ମଧ୍ୟ ଏହି କାର୍ଯ୍ୟକ୍ରମ ହେଉଛି। ଏହାପରେ ମନ୍ତ୍ରୀ ବିଦ୍ୟାଳୟ ପରିସରରେ କିଛି ବୃକ୍ଷ ଚାରା ରୋପଣ କରିଥିଲେ। ବାରିପଦା ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ରାଉତଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୌର ପାଳିକା ଉପାଧକ୍ଷକ୍ଷ ଶ୍ରୀମତୀ ସୀମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମାଆ ଦୁର୍ଗା ଆଞ୍ଚଳିକ ମହାସଂଘ ସଦସ୍ୟା, ଜନ କଲ୍ୟାଣ ମହକ୍ଷସଙ୍ଘ ସଦସ୍ୟା ଓ ୱାର୍ଡ ନଂ-୧୧ର ସୁକେଶିନୀ ସେଠୀ, ୱାର୍ଡ ନଂ -୫ର ପୂଜା ତରେଇ, ୱାର୍ଡ ନଂ -୧୯ର ଦିଗବିଜୟ ସିଂ, ୱାର୍ଡ ନଂ -୨୩ର ଅନନ୍ତ କୁମାର ଦାସ, ୱାର୍ଡ ନଂ ୧୧ର -ପ୍ରଭାତୀ ପୃଷ୍ଟି, ୱାର୍ଡ ନଂ -୨୫ର ଜିତା ସିଂ, ୱାର୍ଡ ନଂ -୨୧ର ଲକ୍ଷ୍ମୀଧର ହାବଡା ପ୍ରମୁଖ କାଉନସିଲର ଓ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ବିଶ୍ୱ ଯୋଗ ଦିବସ ପାଳିତ

ବାସୁଦେବପୁର , ୨୧/୬ (ନି.ପ୍ର): ଶନିବାର ବିଶ୍ୱ ଯୋଗ ଦିବସ ବାସୁଦେବପୁର ରେ ବିଭିନ୍ନ ସ୍ଥାନ ରେ ପାଳିତ ହୋଇ ଯାଇଛି। ବାସୁଦେବପୁର ପଞ୍ଚାୟତ ସମିତି ଓ ପୌର ପରିଷଦ ର ମିଳିତ ଆନୁକୂଲ୍ୟରେ ବାସୁଦେବପୁର ରେ ଥିବା ଇଣ୍ଡୋର୍ ଷ୍ଟାଡିୟମ୍ ରେ ଯୋଗ ଶିବିର ଆୟୋଜନ ହୋଇ ଯାଇଛି। ଯୋଗ ଗୁରୁ ଶଶାଙ୍କ ଶେଖର ସାମଲ ଉପସ୍ଥିତ ରହି ଯୋଗ ଶିକ୍ଷା ଦେଇଥିଲେ। ଏହି ଅବସର ରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବିଡିଓ ତନ୍ମୀତା କର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ,ବିଜେପି ନେତା ବାଣୀ କଲ୍ୟାଣ ମହାନ୍ତି, ଉଦୟ ନାରାୟଣ ମଲ୍ଲିକ, ପଞ୍ଚାୟତ ସମିତି ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ ଉପସ୍ଥିତ ରହି ଯୋଗ ଶିବିର ରେ ଭାଗ ନେଇ ଥିଲେ। ପୌର ପରିଷଦ ଓ ପଞ୍ଚାୟତ ସମିତି ପକ୍ଷ ରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନ ସାଧାରଣ, ଯୁବକ, ଛାତ୍ର ଛାତ୍ରୀ ମାନେ ଯୋଗ ଶିବିର ରେ ଯୋଗ ଦେଇଥିଲେ। ଆର୍ଯ୍ୟ ସମାଜ ପକ୍ଷରୁ ଯୋଗ ଦିବସ ପାଳିତ। ବାସୁଦେବପୁର ରେ ଥିବା କୈଳାଶ ଶିଖର ରେ ଆର୍ଯ୍ୟ ସମାଜ ପକ୍ଷ ରୁ ଯୋଗ ଦିବସ ପାଳନ ହୋଇ ଯାଇଛି। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବିରେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୋଗ ର ଉପକାରିତା ସମ୍ପର୍କରେ ଉପସ୍ଥିତ ଜନ ସାଧାରଣ, ଯୁବକ, ମହିଳା ମାନଙ୍କୁ ନିଜ ବକ୍ତବ୍ୟ ରେ ବୁଝାଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟ ରେ ସମାଜସେବୀ ମନୋଜ କୁମାର ନାୟକ,ଯୋଗ ଗୁରୁ ଶଶାଙ୍କ ଶେଖର ସାମଲ,, ସମାଜସେବୀ ଓ ଆଡଭୋକେଟ ପ୍ରଦୀପ କୁମାର ମହାନ୍ତି, କୈଳାଶ ନାଥ, ସରପଂଚ ଅରୁଣ କୁମାର ମହାନ୍ତି ଯୋଗ ଦେଇଥିଲେ। ବାସୁଦେବପୁର ରେ ବିଭିନ୍ନ ସ୍ଥାନ ରୁ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ରହିଥିଲେ।

ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ବ୍ୟବସାୟୀ ଗୁରୁତର

ଭଦ୍ରକ, ୨୧/୬ (ନି.ପ୍ର): ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ଜଣେ ବ୍ୟବସାୟୀ ଗୁରୁତର ହୋଇ ପ୍ରଥମେ ଭଦ୍ରକ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୁଚନା ଅନୁଯାୟୀ ଚରମ୍ପା ବେଲମଳା ଗ୍ରାମର ପ୍ରଭାକର ପାତ୍ରଙ୍କ ପୁତ୍ର ବିଦ୍ୟାଧର (୬୩) ଚରମ୍ପା ବଜାର ସ୍ଥିତ ନିଜ ଗୋଖାଦ୍ୟ ଦୋକାନ ବନ୍ଦ କରି ଟଙ୍କା ବ୍ୟାଗ ସାଙ୍ଗରେ ନେଇ ଘରକୁ ଯାଉଥିଲେ,ଘର ସାମ୍ନାରେ ଗାଡ଼ି ରଖୁଥିବା ବେଳେ ହଠାତ୍ ତିନି ଜଣ ଦୁର୍ବୃତ୍ତ ଏକ ବାଇକ୍ ଯୋଗେ ଆସି ଦୁଇ ରାଉଣ୍ଡ ଗୁଳି ଚଳାଇଥିବା ବେଳେ ଗୋଟିଏ ଗୁଳି ତାଙ୍କର ପେଟରେ ବାଜିବାରୁ ସେ ସେଠାରେ ଟଳି ପଡ଼ିଥିଲେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଟଙ୍କା ବ୍ୟାଗ ନେଇ ସେଠାରୁ ପଳାଇ ଯାଇଥିଲେ। ପରେ ପରିବାର ଲୋକ ଗ୍ରାମ ବାସିଙ୍କ ସହାୟତାରେ ବିଦ୍ୟାଧରଙ୍କୁ ଭଦ୍ରକ ମେଡିକାଲ ଆଣିଥିଲେ ପରେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି।

ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମିଳିଲା ସ୍ୱାମୀର ମୃତ ଦେହ

ଜଳେଶ୍ୱର, ୨୧/୬ (ନି.ପ୍ର): ପରକ୍ରିୟା ପ୍ରୀତି ର କରୁଣ ପରିଣତି। ସ୍ତ୍ରୀର ପରକ୍ରୀୟା ପ୍ରୀତି ପାଇଁ ସ୍ୱାମୀର ଜୀବନ ନେଲା ପ୍ରେମିକ ଏବଂ ସ୍ତ୍ରୀ। ଜଳେଶ୍ୱର ବ୍ଲକ୍ ଗୋବରଘଟା ପଂଚାୟତର ଅଗ୍ରଓ୍ୱାଲା ଛକ ନିକଟରେ ସ୍ତ୍ରୀ ଜାହ୍ନବୀ ଘୋଷ (୩୦)ଏକ ପାନ ଏବଂ ଚା ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ସ୍ୱାମୀ ରମାକାନ୍ତ ଘୋଷ ହାଇଦ୍ରାବାଦ ଏକ କମ୍ପାନୀରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି। ଘରେ ବିଧବା ମା,୧୨ ବର୍ଷର ପୁଅ ଏବଂ ସ୍ତ୍ରୀ ରହିଥାନ୍ତି।ସ୍ୱାମୀ ବାହାରେ ରହିବାର ଫାଇଦା ନେଇ ସ୍ତ୍ରୀ ଜାହ୍ନବୀ ବିଭିନ୍ନ ସମୟ ରେ ଅନ୍ୟ ପୁରୁଷ ସହିତ ଫୋନ ରେ ଗପିବା ଏବଂ ପୁରୁଷ ମାନଙ୍କ ସହିତ ଅନୈତିକ ସମ୍ପର୍କ ମଧ୍ୟ ରଖିବା ପଡୋଶୀ କହିଛନ୍ତି। ଏ ନେଇ ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ ଅନେକ ସମୟ ରେ ଝଗଡ଼ା ମଧ୍ୟ ହୋଇଛି। କୋଡିଏ ଦିନ ତଳେ ସ୍ୱାମୀ ରମାକାନ୍ତ ହାଇଦ୍ରାବାଦ ରୁ ଗାଁ କୁ ଫେରିଥିଲେ। ପାଖ ଗ୍ରାମ ଦକ୍ଷିଣ ପ୍ରହରାଜ ପୁରର ଏକ ଯୁବକ ଅନେକ ସମୟ ରେ ପାନ ଦୋକାନରେ ବସି ସମୟ ଅତିବାହିତ କରନ୍ତି। ଏହି ସମୟରେ ପଡୋଶୀ ଲୋକେ ଉକ୍ତ ପ୍ରେମିକକୁ ଅନେକ ବାର ଚେତାବନୀ ମଧ୍ୟ ଦେଇଥିଲେ। କିନ୍ତୁ ପ୍ରେମ ଜନିତ ବ୍ୟାପାର ରେ ପୁଣି ଦୁଇଦିନ ତଳେ ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ ଝଗଡ଼ା ମଧ୍ୟ ହୋଇଥିଲା। ଗ୍ରାମବାସୀଙ୍କ କହିବା ଅନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ସ୍ତ୍ରୀ ଏବଂ ପ୍ରେମିକ ମିଶି ସ୍ୱାମୀ ଙ୍କୁ ମାରି ଘରେ ଫାଶୀ କରିଦେଇଛନ୍ତି ବୋଲି ଗ୍ରାମବାସୀ ସଂଦେହ ପ୍ରକାଶ କରିଛନ୍ତି। ଉକ୍ତ ଯୁବକ ଫାଶୀ ହୋଇଥିବା ଶୁଣି ପଡୋଶୀ ଲୋକ ଆସି ସ୍ଥାନୀୟ ଜଳେଶ୍ୱର ପୋଲିସ କୁ ଖବର ଦେଇଥିଲେ ଜଳେଶ୍ୱର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ କୁ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ସ୍ତ୍ରୀ ଏବଂ ପ୍ରେମିକ ଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

ବଢିଲା ଓମ୍‌ଫେଡ୍ କ୍ଷୀର ଦର

ଭୁବନେଶ୍ୱର, ୨୧/୬ (ନି.ପ୍ର): ଓମ୍‌ଫେଡ୍ କ୍ଷୀର ଦର ବଢ଼ାଯାଇଛି। ଖାଉଟି ମାନେ ଲିଟର ପିଛା ୫୨ ଟଙ୍କା ଦେଉଥିଲା ବେଳେ ଏବେ ୫୪ ଟଙ୍କା ଦେବେ । ଆଜିଠାରୁ ଓମଫେଡ୍ କ୍ଷୀର ଲିଟର ପ୍ରତି ଦାମ୍ ବୃଦ୍ଧି ପାଇଛି ଓ ବଜାରକୁ ଆସିଛି ଓମଫେଡର ନୂଆ ଦର । ପ୍ରିମିୟମ୍ ଓ ଟୋନ୍ଡ କ୍ଷୀର ଲିଟର ୨ ଟଙ୍କା ବୃଦ୍ଧି ପାଇଥିବାବେଳେ ଗୋଲ୍ଡ କ୍ଷୀର ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି। ବାସ୍ତବରେ ବିଶ୍ୱ ଦୁଗ୍ଧ ଦିବସ ପାଳନ ଅବସରରେ କ୍ଷୀର ମୂଲ୍ୟ ବଢିବ ବୋଲି କୁହାଯାଇଥିଲା, କିନ୍ତୁ ସେତେବେଳେ ଏହା ବଢିନଥିଲା । ମୁଖ୍ୟମନ୍ତ୍ରୀ ସେତେବେଳେ କହିଥିଲେ ଯେ କ୍ଷୀର ଲିଟର ପିଛା ୪ ଟଙ୍କା ବଢ଼ାଯାଉଛି । କିନ୍ତୁ ଖାଉଟିମାନଙ୍କ ଉପରେ ଏହି ବର୍ଦ୍ଧିତ ଦର ଲଦି ଦିଆଯିବ ନାହିଁ । ଏଥିରୁ ୨ ଟଙ୍କା ସରକାର ବହନ କରିବେ।

ହାତିଆଡିହା ଶିବମୁନି ଯୋଗ ଶିକ୍ଷା କେନ୍ଦ୍ରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ

ରୂପସା , ୨୧/୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗ ଶିକ୍ଷାକେନ୍ଦ୍ରରେ, ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ସହିତ, ଆଶ୍ରମର ଯୋଗସାଧିକା ଆତ୍ମଜ୍ଞାନୀ ମୁନି ରାଙ୍କୀ ବିମଳାଲେଙ୍କାଙ୍କ ନାତି ଆୟୁଷ୍ମାନ୍ ଦିବ୍ୟାଂଶିଲେଙ୍କାଙ୍କ ୬ଷ୍ଠ ଶୁଭ ଜନ୍ମଦିନ, ଆଶ୍ରମର କୋଷାଧକ୍ଷକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରୀଚରଣମୁନିଜୀଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ଅତିଥି ହିସାବରେ ଯୋଗଦାନ କରିଥିଲେ, ଆଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ । ବକ୍ତା ହିସାବରେ ଯୋଗଦାନକରିଥିଲେ ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା । ପ୍ରଥମେ ସମୂହ ପ୍ରଣବ, ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ ଦିବ୍ୟାଂଶି ଲେଙ୍କାଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଜୀବନର ଏବଂ ଉଜ୍ଜ୍ୱଳ ଭବିଷ୍ୟତର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ସମସ୍ତେ ନିୟମିତ ଯୋଗସାଧନ କରନ୍ତୁ ସୁସ୍ଥ ରହନ୍ତୁ । ଯମ ନିୟମ ପାଳନ କରନ୍ତୁ ଜୀବନ ମୁକ୍ତ ହୁଅନ୍ତୁ । ସୁଖଶାନ୍ତି ଆନନ୍ଦରେ ଜୀବନ ଅତିବାହିତ କରନ୍ତୁ । ଏହାହିଁ ଅନ୍ତର୍ଜାତୀୟ ଯୋଗ ଦିବସରେ ବିଶ୍ୱକୁ ବାର୍ତ୍ତା । ଉପସ୍ଥିତ ଥିଲେ- ମୁନିରାଇୀ ମୁନିରାଙ୍କୀ ସୁମତୀ ଦଳାଇ, ବିମଳାଲେଙ୍କା, ବାସନ୍ତୀ ମହାଳିକ, ଜାହ୍ନବୀ ଗିରି, ଶକୁନ୍ତଳା ପରିଡା, ମୁନିମତୀ ସୁମତୀ ବେହେରା, ମଞ୍ଜୁଲତା ଚେହେରା, ଜୟନ୍ତୀ ଗିରି, ସୀତା ବେହେରା, କୁନି ମାଝି, ବାସନ୍ତୀ ଗିରି, ରୀତା ବିଶ୍ୱାଳ, ମୁନି ଯୋଗେନ୍ଦ୍ର ବେହେରା, ଜଗଦୀଶ ପରିଡା, ମୁନି କୁମାର ଅକ୍ଷୟ ବିଶ୍ୱାଳ ପ୍ରମୁଖ । ଶେଷରେ ଜେଜେମା - ମୁନି ରାଙ୍କୀ ବିମଳାଲେଙ୍କା ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରି ଏକାତ୍ମମିଷ୍ଟାନ୍ନ ସେବନରେ ଆପ୍ୟାୟିତ କରିଥିଲେ ।

ପାରାଦୀପ ବନ୍ଦର ପକ୍ଷରୁ ୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ପାରାଦୀପ, ୨୧/୬ : ପାରାଦୀପ ବନ୍ଦର ପକ୍ଷରୁ ଆଜି ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି।ବନ୍ଦରର ଅଧକ୍ଷ ଶ୍ରୀ ପିଏଲ ହରନାଦ ଏହି ସମାରୋହ କୁ ଉଦଘାଟନ କରିଥିବା ବେଳେ ଯୋଗ ଶିବିର କୁ ଆର୍ଟ ଅଫ ଲିଭିଙ୍ଗ ର ଅଧ୍ୟାପକ ତାପସ ରଞ୍ଜନ ପତି ପରିଚାଳନା କରିଥିଲେ।ଏଥିରେ ବନ୍ଦରର ସଚିବ ଯୁଆର ମୋହନ ରାଜୁ, କ୍ୟାପଟେନ ଏସି ସାହୁ, ମୁଖ୍ୟ ଇଞ୍ଜିନିୟର ହିମାଂଶୁ ଶେଖର ରାଉତ, ମୁଖ୍ୟ ଯନ୍ତ୍ରୀ ଇଂ ସୁଶୀଲ ନାହକ, ଟ୍ରାଫିକ ମ୍ୟାନେଜର ଜି ଏଡିସନ, ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ଡଃ ବିବି ଦାସ, ସିଆଇଏସଏଫ କର୍ମଚାରୀ, ପାରାଦୀପ ସ୍ୱାକ୍ଷରିତା ସମିତି, ବନ୍ଦର ବ୍ୟବହାରକାରୀ ଏବଂ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ଯୋଗାସନ କରିଥିଲେ।ଉପସ୍ଥିତ ବନ୍ଦରର ବରିଷ୍ଠ ଅଧିକାରୀ ମାନେ ଯୋଗ କିପରି ଶାରୀରିକ ଓ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ଅଂଶ ଗ୍ରହଣ କରିଥିବା ଅଧିକାରୀ ମାନେ ଭାରତର ପ୍ରଧାନମନ୍ତ୍ରୀ ଙ୍କ ଦ୍ୱାର ବିଶାଖାପାଟଣା ଠାରେ ଆୟୋଜିତ ଯୋଗ ଶିବିରକୁ ଭରଚୁଆଲ ପ୍ରସାରଣ ମାଧ୍ୟମରେ ଉପଭୋଗ କରିଥିଲେ। ଏହି ଅବସରରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ପାରାଦୀପ ବନ୍ଦରରେ ସ୍ୱଚ୍ଛତା ବଜାଇ ରଖିବା ଓ ସ୍ୱଚ୍ଛ ଭାରତକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରିଥିବା ୪୦ ଜଣ ସଫେଇ କର୍ମଚାରୀ ଙ୍କୁ ଏବଂ ସ୍ୱାକ୍ଷରିତା ସମିତିର ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ମାନିତ କରିଥିଲେ।

ବୈଦିକ ଗୁରୁକୁଳ ଶିକ୍ଷାଶ୍ରମରେ ଅନ୍ତର୍ଜାତିକ ଯୋଗ ଦିବସ ପାଳିତ

ବାଲେଶ୍ୱର, ୨୧/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ପିଞ୍ଚାବଣିଆ ଗ୍ରାମରେ ଗଢି ଉଠିଥିବା ବୈଦିକ ଗୁରୁକୁଳ ଶିକ୍ଷାଶ୍ରମ ଆନୁକୁଲ୍ୟରେ ପିଞ୍ଚାବଣିଆ ସରକାରୀ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି କଷିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୀଳମଣି ମହାବିଦ୍ୟାଳୟ ର ଅଧକ୍ଷ ଡ଼. ତପନ କୁମାର ବେହେରା ଯୋଗ ଦେଇ ଯୋଗ ର ମାହାତ୍ମ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଗୁରୁକୁଳ ଆଶ୍ରମ ପିଞ୍ଚାବଣିଆର ସମ୍ପାଦକ ଆଚାର୍ଯ୍ୟ ବିଜୟ ଜୀ ଯୋଗର ଗୁଢ଼ ରହସ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରୁ ରୂପସା ଥାନା ର ଭାରପ୍ରାପ୍ତ ଅଧିକାରିଣୀ ଶ୍ରୀମତୀ ମୌସୁମୀ ମହାନ୍ତି, ରୂପସା ସାମିଲ୍ ହସନପୁର ପଞ୍ଚାୟତ ର ସରପଞ୍ଚ ଶ୍ରୀମତି ମାଳତୀ ପ୍ରଧାନ, ୨୮ ନୟର ଜୋନ ର ଜିଲ୍ଲାପରିଷଦ ସଦସ୍ୟ ଶ୍ରୀମାନ ସଞ୍ଜୟ କୁମାର ସେଠି, ବରିଷ୍ଠ ସମାଜ ସେବୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର, ଲୟୋଦର ସେଠି, ପିଞ୍ଚାବଣିଆ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନେପାଳୀ କୁମାର ମହାନ୍ତି, ବୈଦିକ ବିଦ୍ୱାନ ପଣ୍ଡିତ ସୁଧାକର ଶାସ୍ତ୍ରୀ, କସିପଦା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶ୍ରୀଯୁକ୍ତ ଜିତେନ୍ଦ୍ର ପ୍ରଧାନ, ହଳଦୀପଦା ପଞ୍ଚାୟତ ର ବିଶିଷ୍ଟ ସମାଜସେବୀ ଅଜୟ କୁମାର ଜେନା, ମନୁଜିଆରୁ ବନମାଳୀ ସାର୍ ଓ ବାଖରାବାଦ ୟୁଥ୍ କ୍ଲବ୍ ର ସଦସ୍ୟ ମାନେ ପ୍ରମୁଖ ଯୋଗ ଦେଇ ଯୋଗ କରିବା ସହିତ କିଞ୍ଚିତ୍ ବକ୍ତବ୍ୟ ପ୍ରଦାନ କରିଥିଲେ। ଇତି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ପ୍ରାତବେଳା ରେ ଯୋଗ ଓ ପରିବେଶ ସଂକ୍ରାନ୍ତୀୟ ଏକ ପ୍ରଭାତ ଫେରି ସହ ଯୋଗ ବୃକ୍ଷରୋପଣ ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। ସମସ୍ତ କାର୍ଯ୍ୟକ୍ରମ ଶିକ୍ଷାଶ୍ରମର ଅଧକ୍ଷ ଶ୍ରୀମାନ ଗଣେଶ ପାଢ଼ୀଙ୍କ ସମେତ ଗୁରୁଜୀ ଦେବେନ୍ଦ୍ର ଗିରି, ଗୁରୁମା କ୍ଷଣପ୍ରଭା ନାୟକ, ଗୁରୁମା ପ୍ରତିମା ବେହେରା, ଗୁରୁମା ମିନତି ରାଣୀ ସିଂ, ଗୁରୁମା ଶୁଭଲକ୍ଷ୍ମୀ ସାହୁ, ଗୁରୁମା ସୁଶ୍ରୀ ସୋନାଲିକା ସିଂହ ପ୍ରମୁଖଙ୍କ ପ୍ରଚେଷ୍ଟାରେ ସଫଳ ରୂପେ ସମାପନ ହୋଇଯାଇଅଛି। ସର୍ବଶେଷରେ ପରିଚାଳନା କମିଟି ର ସଦସ୍ୟ ଶ୍ରୀଯୁକ୍ତ ହରିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଓ ବନ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର , ୨୧/୬ (ନି.ପ୍ର): ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁର ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ନେଇ ନବଗଠିତ ଏବଂ ସରକାରୀ ସ୍ତରରେ ପଞ୍ଜିକୃତ ଛାତ୍ର/ଛାତ୍ରୀ ସଂସଦ ପୁରାତନ ବିଦ୍ୟାର୍